# ଅନୁସନ୍ଧାନ ଭାରତ

THE ANUSANDHAN BHARAT

POSTAL REG NO- PHI/009/2022
epaper.anusandhanbharat.com
RNI REG NO: ODIMUL00845
www.anusandhanbharat.com

anusandhanbharat
anusandhanbharat
anusandhanbharat
anusandhanbharat

VOL:1• ISSUE :6 • PAGES: 8 • PRICE:5/ • ବର୍ଷ: ୧ • ସଂଖ୍ୟା :୪ • ପୃଷ୍ଠା• ୮ ମୂଲ୍ୟ ୫ • ଅକ୍ଟୋବର ୧୦ • ସୋମବାର- ଅକ୍ଟୋବର ୧୬ ରବିବାର, ୨୦୨୨


### ସପ୍ତମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଘଟଣା

# ମୃତ ଶିଶୁପୁତ୍ର ଜନ୍ମ ପରେ ଆଖିବୁଜିଲା ମାଆ

**ଅନୁସନ୍ଧାନ ଭାରତ(ବ୍ୟୁର):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘର ରାଙ୍ଗାପାରୁ ଆବାସିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ପରେ ଗତ ସେପଟ୍ମ୍ବର ୩୦ ତାରିଖରେ ପ୍ରଶାସନ ତରଫରୁ ଘୁ.ଉଦୟଗିରି ଶ୍ରୀରାମପଦା ସ୍ଥିତ ସୁଭଦ୍ରା ମହତାବ ସେବା ସଦନ ଠାରେ ନାବାଳିକାକୁ ରଖାଯାଇଥିଲା। ଗତ କାଲି ସକାଳୁ ଅର୍ଥାତ ୫/୧୦/୨୦୨୨ ତାରିଖ ଦିନ ନାବାଳିକାର ପ୍ରସବ ଯନ୍ତ୍ରଣା ଆସିବା ପରେ ଘୁ.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଣାଯାଇଥିଲା। ସେଠାରେ ନାବାଳିକା ଜଣକ ଏକ ମୃତ ଶିଶୁ ପୁତ୍ରକୁ ଜନ୍ମ ଦେବା ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇ ଥିଲା। ଏନେଇ ଥାନାରେ ୦୭/୨୦୨୨ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ମୃତ ଶିଶୁ ପୁତ୍ରର ଶବ ବ୍ୟବଚ୍ଛେଦ ନିମନ୍ତେ ପଠେଇଥିବା ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ସୂଚନା ଦେଇଥିଲେ। ତେବେ କେଉଁ ପରିସ୍ଥିତିରେ ନବଜାତ ଶିଶୁଟିର ମୃତ୍ୟୁ ଘଟିଲା ତାହାର ସଠିକ୍ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସ୍ଥାନୀୟ ଅଞ୍ଚଳରେ ମତପ୍ରକାଶ ପାଇଛି। ଗତକାଲି ରାତ୍ର ଅର୍ଥାତ ୬/୧୦/୨୦୨୨ ତାରିଖ ବିଳମ୍ବିତ ରାତି ୧୧.୪୫ ରେ ନାବାଳିକାର ମୃତ୍ୟୁ ଘଟିଥିଲା ଓ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ କେଉଁ କାରଣରୁ ଉକ୍ତ ନାବାଳିକାର ମୃତ୍ୟୁ



ଘଟିଲା ସେଥିପାଇଁ କିଏ ଦାୟୀ ତାହା ତଦନ୍ତ ସାପେକ୍ଷ ବୋଲି ଅଞ୍ଚଳ ବାସୀ ମତପ୍ରକାଶ କରିଛନ୍ତି। ସାମାନ୍ୟ ଥଣ୍ଡା କିମ୍ବା କାଶର ଚିକିତ୍ସା ପାଇଁ ସ୍ଥାନୀୟ ଲୋକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗଲେ ତାଙ୍କୁ ସିଧାସଳଖ ଫୁଲବାଣୀ ସଦରମହାକୁମା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଉଛି। ହେଲେ ମୃତ ନବଜାତ ଶିଶୁକୁ ଜନ୍ମ ଦେବା ପରେ ମୃତ୍ୟୁ ସପ୍ତମ ଶ୍ରେଣୀ ଗର୍ଭବତୀ ଛାତ୍ରୀଙ୍କୁ କାହିଁକି କଟକ କିମ୍ବା ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତରିତ କରାନଯାଇ ଗୁପ୍ତ ଭାବରେ ଘୁ.ଉଦୟଗିରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଯାଉ ଥିଲା ? ଏହା ସ୍ଥାନୀୟ ଜନତାଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନ ଜାଣତରେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିବା ଓ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା କି ? ଜିଲ୍ଲା ଶିଶୁ ସୁରକ୍ଷା ବା ଚାଇଲ୍ଡ ଲାଇନ ପକ୍ଷରୁ ନାବାଳିକାର ଚିକିତ୍ସା କ୍ଷେତ୍ରରେ ଅବହେଳା କରାଯାଇ ଥିଲା କି ? ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଘଟଣାକୁ ନେଇ ବେଲଘର ଅଞ୍ଚଳରେ ଚାପା ଉତେଜନା ଲାଗି ରହି ଥିବା ସୂଚନା ମିଳିଛି। ଏହି ଘଟଣାର ସଠିକ୍ ତଦନ୍ତ କରାଯାଇ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଖବର ପାଇ ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଚେୟାରମେନ ଶ୍ରୀମତୀ ଭାନୁପ୍ରଭା ମିଶ୍ର ମୃତ ନାବାଳିକାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ଅର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ

**ଅନୁସନ୍ଧାନ ଭାରତ(ବ୍ୟୁର):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘର ରାଙ୍ଗାପାରୁ ଆବାସିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଘଟଣା ପରେ ଗତ ସେପଟ୍ମ୍ବର ୩୦ ତାରିଖରେ ପ୍ରଶାସନ ତରଫରୁ ଘୁ.ଉଦୟଗିରି ଶ୍ରୀରାମପଦା ସ୍ଥିତ ସୁଭଦ୍ରା ମହତାବ ସେବା ସଦନ ଠାରେ ନାବାଳିକାକୁ ରଖାଯାଇଥିଲା। ନାବାଳିକାର ପ୍ରସବ ଯନ୍ତ୍ରଣା ଆସିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଘୁ.ଉଦୟଗିରିକୁ ଅଣାଯାଇଥିଲା। ସେଠାରେ ନାବାଳିକା ଜଣକ ଏକ ମୃତ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲା। ଏନେଇ ଥାନାରେ ୦୭/୨୦୨୨ରେ ଏକ ମାମଲା ରୁଜୁ ହୋଇ ମୃତ ଶିଶୁ ପୁତ୍ରର ଶବ ବ୍ୟବଚ୍ଛେଦ ହେବାର କିଛି ଘଣ୍ଟା ପରେ ନାବାଳିକାଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। କେଉଁ କାରଣରୁ ନାବାଳିକାର ମୃତ୍ୟୁ ଘଟିଲା ? ସେଥିପାଇଁ କିଏ ଦାୟୀ ? ତାହା ତଦନ୍ତ ସାପେକ୍ଷ ବୋଲି ସମଗ୍ର ଜିଲ୍ଲାରେ ମତପ୍ରକାଶ ପାଇଛି। ମୃତ୍ୟୁ ସପ୍ତମ ଶ୍ରେଣୀ ଗର୍ଭବତୀ ଛାତ୍ରୀଙ୍କୁ କାହିଁକି କଟକ କିମ୍ବା ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାନଯାଇ ଗୁପ୍ତ ଭାବରେ ଘୁ.ଉଦୟଗିରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରାଗଲା ତାହା ଉପରେ ପ୍ରଶ୍ନବାଚୀ ଉଠିଛି। ପ୍ରଶାସନ ଜାଣତରେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିବା ଓ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା କି ? ଜିଲ୍ଲାରେ ଶିଶୁ ସୁରକ୍ଷା ବା ଚାଇଲ୍ଡ ଲାଇନ ପକ୍ଷରୁ ବାଳିକା ଛାତ୍ରୀର ଠିକ୍ ଭାବରେ ଯତ୍ନର ଅଭାବରୁ ଏଭଳି ଘଟଣା ଘଟିଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ପୂର୍ବତନ ବିଧାୟକ ଶ୍ରୀଯୁକ୍ତ କରେନ୍ଦ୍ର ମାଝୀ ଏହି ଘଟଣାର ସଠିକ୍ ତଦନ୍ତ କରାଯାଇ ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ଶ୍ୱ ଶତ୍କାର କରିବା ପାଇଁ ୫୦,୦୦୦ ଟଙ୍କା ମୃତ ନାବାଳିକା ପରିବାରକୁ ପ୍ରଦାନ କରା ଯାଇଛି। ତୁମୁଡିବନ୍ଧ ବ୍ଲକ ଅଧିକାରୀ ବି.ଡ଼ି.ଓ, ତହସିଲଦାର ଏବଂ ବାଲିଗୁଡା ଆରକ୍ଷୀ ଅଧିକାରୀ ଶ୍ରୀ ରାଘେବେନ୍ଦ୍ର ରେଡି, ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସରପଞ୍ଚ ବି .ଜେ.ବିର ପୁରୁଖାନେତା ଶ୍ରୀ ନେତ୍ର ମାନସେଟଙ୍କ ଉପସ୍ଥିତିରେ ପରିବାରକୁ ସହାୟତା ରାଶି ପ୍ରଦାନ କରି ଥିବା ସୁଚନା ମିଳିଛି।



## ପାରଳାଖେମୁଣ୍ଡି ଠାରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ତରଫରୁ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ -୨୦୨୨ ବିଜୁ କଲ୍ୟାଣ ମଣ୍ଡପ ପାରଳାଖେମୁଣ୍ଡି ସଦର ମହକୁମା ଠାରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଗାବରା ତିରୁପତି ରାଓ, ଅଧକ୍ଷା, ପୌରପରିଷଦ ପାରଳାଖମୁଣ୍ଡି ଶ୍ରୀମତୀ ନିର୍ମଳା ସେଠୀ, ଉପାଧକ୍ଷ ପୌରପରିଷଦ ମଧୁ ଲେଙ୍କା, ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସଂଗ୍ରାମ ଶେଖର ପଣ୍ଡା, ନିର୍ବାହୀ ଅଧିକାରୀ, ପାରଳାଖେମୁଣ୍ଡି ଜୁବୁଲି ଚରଣ ବେହେରା ମଞ୍ଚାସିନ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଥମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ଦୁଇ ଗୋଟି ନାମ ପଞ୍ଜୀକରଣ ପ୍ରକୋଷ୍ଠ ଖୋଲାଯାଇ ପୁରୁଷ- ୧୪୮, ମହିଳା ୧୫୭ ମୋଟ ୩୦୫ ଜଣଙ୍କର ନାମ ପଞ୍ଜୀକରଣ କରଯାଇଥିଲା। ମଞ୍ଚାସୀନ ଅତିଥିମାନେ ପୁଷ୍ପ ଗୁଚ୍ଛ ଦେଇ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରିଥିଲେ। ଏଠାରେ ୮ ଗୋଟି ପ୍ରକୋଷ୍ଠରୁ ୫ ଗୋଟି ଚିକିତ୍ସା ଅଧିକାରୀମାନଙ୍କ ନିମନ୍ତେ ଓ ତିନୋଟି ଔଷଧ ପାଥୋଲୋଜି ଓ ଫିଜିଓଥେରାପିରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସରକାରଙ୍କ ନିରାମୟ ଔଷଧ ମାଗଣାରେ ବଣ୍ଟନ କରଯାଇଥିଲା। ମଞ୍ଚାସୀନ ସମସ୍ତ ଅତିଥିବୃନ୍ଦ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସରକାରଙ୍କର ବିଭିନ୍ନ ଯୋଜନା ଓ ସୁବିଧା ସୁଯୋଗ ସମ୍ପର୍କରେ ଅତି ପ୍ରାଞ୍ଜଳ ଭାବରେ ପ୍ରକାଶ କରିଥିଲେ । ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ୧୦ ଜଣ ବରିଷ୍ଠ ନାଗରିକମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଗଜପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଘୁମୁସର ମାଟିର ଗର୍ବ

## ଓଏଏସ ପାଇଲେ ଫାଲଗୁନୀ କୁମାର ଓ ଲିପିନା ଦାସ





**ଅନୁସନ୍ଧାନ ଭାରତ (ବ୍ୟୁର):** ଚଳିତ ବର୍ଷର ଓଡିଶା ପ୍ରଶାସନିକ ସେବାର ରେଜଲ୍ଟ ଶୁକ୍ରବାର ପ୍ରକାଶ କରିଛି । ଏଥିରେ ଘୁମୁସର ମାଟି ପାଇଁ ଗର୍ବ ଆଣିଛନ୍ତି ଭଞ୍ଜନଗର ଥାନା ନିକଟ ଭଞ୍ଜ ପରିଷଦ ଗଳିରେ ରହୁଥିବା ଫାଲଗୁନୀ କୁମାର ଓ ଜଗନ୍ନାଥ ପ୍ରସାଦ ନିକଟସ୍ଥ ଜଗନ୍ନାଥପୁର ଶାସନ ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ର ଦାସଙ୍କ ଝିଅ ଲିପିନା ଦାସ। ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ଓଡିଶା ସ୍ତରରେ ଫାଲଗୁନି ୧୯୯ନଂ ଓ ଲିପିନା ୫୫ନଂ ରେଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ପିତା ରାଜେନ୍ଦ୍ର କୁମାର ସାହୁ ଓ ମାତା ସବିତା କୁମାରୀ ସାହୁଙ୍କ ଏକମାତ୍ର ପୁତ୍ର ହେଉଛନ୍ତି ଫାଲଗୁନୀ। ଗତ ଦୁଇ ବର୍ଷ ହେଲା କରୋନା ସମୟରେ ଘରେ ରହି ଦିନକୁ ୮ରୁ ୧୦ଘଣ୍ଟା ପରିଶ୍ରମ କରି ସେ ଓଏଏସ ପାଇଁ ନିଜକୁ ପ୍ରସ୍ତୁତ କରିବା ପରେ ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ଚଳିତ ବର୍ଷ ପରୀକ୍ଷା ଦେଇଥିଲେ। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସେ ଖୁସି ବ୍ୟକ୍ତ କରିବା ସହ ଆଗାମୀ ଦିନରେ ଆଇଏଏସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ଭବିଷ୍ୟତରେ ଦେଶସେବା ପାଇଁ ଲକ୍ଷ୍ୟ ରଖିଥିବା ଫାଲଗୁନୀ କହିଛନ୍ତି। ସେହିପରି ଲିପିନାଙ୍କୁ ମଧ୍ୟ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅଛୁଟିଛି। ପ୍ରଥମ ମହିଳା ଭାବେ ପାଇଁ ଜଗନ୍ନାଥ ପ୍ରସାଦ ଅଞ୍ଚଳରୁ ଲିପିନା ଓଏସ ପାଇଁ ମନୋନୀତ ହୋଇଛନ୍ତି।

## ବିଦ୍ୟୁତ୍ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ

# ଟ୍ରାନ୍ସଫରମର ପୋଡ଼ି ୩ ଦିନ ଅନ୍ଧାରରେ ବଲଦଙ୍ଗଗୁଡ଼ା ବାସୀ

**ଅନୁସନ୍ଧାନ ଭାରତ(ବ୍ୟୁର):** କଥାରେ ଅଛି ଦୀପ ତଳେ ଅନ୍ଧାର। ଘୁ.ଉଦୟଗିରି ବାସୀଙ୍କ ଅଶା ଥିଲା ଗ୍ରୀଡ କୋ ହେଲେ ଅଂଚଳର ବିଦ୍ୟୁତ କାଟ ସମସ୍ୟା ଦୂର ହେବ। କିନ୍ତୁ ଘୁ.ଉଦୟଗିରି ଠାରେ କୋଟି କୋଟି ଟଙ୍କା ସରକାରୀ ଅନୁଦାନ ବ୍ୟୟରେ ଗ୍ରୀଡ କୋ ହେବା ପରେ ମଧ୍ୟ କାର୍ଯ୍ୟରତ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଗ୍ରାମାଞ୍ଚଳର ସମସ୍ୟା ପୂର୍ବ ପରି ରହିଥିବା ଦେଖା ଦେଇଛି। ଯାହା ପାଇଁ ଅଞ୍ଚଳରେ ଦିନକୁ ଦିନ ବିଦ୍ୟୁତ ଉପଭକ୍ତାଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉ ଥିବାର ଦେଖା ଦେଇଛି। ପ୍ରଶାସନ ଏହି ସମସ୍ୟାର ସମାଧାନ କ୍ଷେତ୍ରରେ ଠୋସ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବୀ ହୋଇଛି। ବର୍ତ୍ତମାନ ମଧ୍ୟ ବିଭିନ୍ନ ପଞ୍ଚାୟତରୁ ବିଦ୍ୟୁତ ସେବାରେ ବିଭ୍ରାଟ ହେଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଛି। ସେହିଭଳି ୩ ଦିନ ହେଲା ମାଲିକାପଡ଼ି ପଞ୍ଚାୟତର ବଲଦଙ୍ଗଗୁଡ଼ା ଠାରେ ବିଦ୍ୟୁତ ଟ୍ରାନ୍ସଫରମର ପୋଡ଼ିଯାଇଥିବା ଯୋଗୁଁ ବିଦ୍ୟୁତ ସେବା ୩ ଦିନ ଧରି ବନ୍ଦ ରହିଛି। ଏନେଇ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ୩ ଦିନପୂର୍ବରୁ ଏକ ଲିଖିତ ଅଭିଯୋଗ ଗ୍ରାମ ବାସୀଙ୍କ ଦ୍ୱାରା ଦିଆଯାଇଥିଲା। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଆଜି ଗ୍ରାମର ସନୀତି ପ୍ରଧାନ, ସୁରମା ପ୍ରଧାନ, ସଂଯୁକ୍ତା ପ୍ରଧାନ, ରାମ ପ୍ରଧାନ, ଫୁଲମତି ପ୍ରଧାନ, ରୁପାଙ୍ଗି ପ୍ରଧାନ, ନଳିନୀ ପ୍ରଧାନ ଏବଂ ବଲଦଙ୍ଗଗୁଡ଼ା ବାସୀ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ପୋଡ଼ି ଯାଇଥିବା ବିଦ୍ୟୁତ ଟ୍ରାନ୍ସଫରମରର ମତାମତି କିମ୍ବା ଏହାର ଅନ୍ୟ କୌଣସି ବିକଳ୍ପ କରି ବିଚ୍ଛିନ୍ନ ହୋଇଥିବା ବିଦ୍ୟୁତ ସରବରାହ ତୁରନ୍ତ ଯୋଗେଇ ଦେବା ପାଇଁ ତାଗିଦ କରିଥିଲେ। ଏନେଇ ବିଭାଗୀୟ ଅଧିକାରୀ ଆସନ୍ତା ସୋମବାର ସୁଦ୍ଧା ଉକ୍ତ ସ୍ଥାନରେ ନୂତନ ଟ୍ରାନ୍ସଫରମର ଲଗା ଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅଭିଯୋଗକାରୀ ଘର ବାହୁଡ଼ା ହୋଇଥିଲେ। ଯଦି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଧାର୍ଯ୍ୟ ସମୟ ଅନୁସାରେ ଯଦି ନିଜ କଥା ନ ରଖନ୍ତି ତେବେ ବଲଦଙ୍ଗଗୁଡ଼ା ବାସୀ ବିଦ୍ୟୁତ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ଘୁ.ଉଦୟଗିରି ସହରର ବିଭିନ୍ନ ସ୍ଥାନରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଆୟୋଜିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ଘୁ.ଉଦୟଗିରି ସହରର ୱାର୍ଡ଼ ନମ୍ବର ୧ ପଦାସାହି, ୱାର୍ଡ଼ ନମ୍ବର ୧୦ ବରାଳିନୀ ମାର୍କେଟ, ୱାର୍ଡ଼ ନମ୍ବର -୭ ଲକ୍ଷ୍ମୀ ବଜାର ଠାରେ ପବିତ୍ର ମା ଗଜଲକ୍ଷ୍ମୀ ପୂଜା ନିରାଡମ୍ବର ଭାବେ ପାଳିତ ହେଉଅଛି। ତୁହାକୁ ତୁହା ଲଗାଣ ବର୍ଷା ସତ୍ୱେ ମଧ୍ୟ ପୁରୋହିତଙ୍କ ଦ୍ୱାରା ହୋମ, ଯଜ୍ଞ, ପୂଜା ପାଠ ନୀତିକାନ୍ତି କାର୍ଯ୍ୟକ୍ରମ ଚାଲୁରହିଛି। କୋଭିଡ କଟକଣା ନିମନ୍ତେ ଗତ ଦୁଇ ବର୍ଷ ବ୍ୟବଧାନରେ ଚଳିତ ବର୍ଷ ପବିତ୍ର ମା'ଗଜଲକ୍ଷ୍ମୀଙ୍କ ପୂଜା ଆୟୋଜିତ ହେଉଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରେ ଖୁସି କହିଲେ ନ ସରେ। ସ୍ଥାନୀୟ ପଦାସାହି ବାସିନ୍ଦା ଶଙ୍ଖସାହି ଭରାନଈରୁ ଜଳ ଉଠେଇ, ମୁଣ୍ଡରେ ପୂର୍ଣ୍ଣ କଳସୀ ଧରି କଳସ ଯାତ୍ରା ମାଧ୍ୟମରେ ମାଙ୍କୁ ସୁମରଣୀ ହୋମ ଯଜ୍ଞର ଶୁଭାରମ୍ଭ କରିଥିଲେ। ପଦାସାହି ମା ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଭାଗବତ ଅର୍ଜାଲୀ, ସମ୍ପାଦକ ପଞ୍ଚାନନ ପ୍ରଧାନ, ହେମନ୍ତ ପ୍ରଧାନ, ଏନଏସି ଉପାଧକ୍ଷ ସନ୍ତୋଷ କୁମାର ବାଘ, ପ୍ରଶାନ୍ତ ବଗର୍ତ୍ତୀ, ସୁଦାମ ପାତ୍ର, ଶଙ୍କର ବାଘ, ମହେଶ୍ୱର ସାହୁ, ବାଲସୁବ୍ରମନ୍ୟମ ପ୍ରଧାନ, ସଞ୍ଜୀବ ପ୍ରଧାନ ଏବଂ ପଦାସାହି ବାସୀ ଏକ କଳସ ଯାତ୍ରା ମାଧ୍ୟମରେ ମା'ଗଜଲକ୍ଷ୍ମୀଙ୍କ ପ୍ରତିମା ପୂଜା ଆରମ୍ଭ କରିଥିଲେ। ବରାଳିନୀ ମାର୍କେଟ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି କ୍ରିଷ୍ଣାନନ୍ଦ ତ୍ରିପାଠୀ, ସମ୍ପାଦକ ଆକାଶ ନାୟକଙ୍କ ତତ୍ୱାବଧାନରେ ମା' ଗଜଲକ୍ଷ୍ମୀ ପୂଜା ମହା ଆଡମ୍ବରରେ ପାଳିତ ହୋଉଛି। ସେହିଭଳି ଲକ୍ଷ୍ମୀବଜାର ପୂଜା କମିଟି ସଭାପତି ପ୍ରତାପ କୁମାର ପଣ୍ଡା, ସମ୍ପାଦକ ଦେବୀପ୍ରସାଦ ଦାସଙ୍କ ଦ୍ୱାରା ଗଜଲକ୍ଷ୍ମୀ ପୂଜାର ସମସ୍ତ ନୀତି କାନ୍ତି ସମାପନ ହୋଇଥିଲା। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହେଉନଥିବା ସୂଚନା ରହିଛି।

# ନୂଆପଲ୍ଲୀରେ ନୀଶୁଲ୍କ ସ୍ୱାସ୍ଥ୍ୟ ସେବା ଶିବିର

**ଅନୁସନ୍ଧାନ ଭାରତ(ବ୍ୟୁର):** ନୂଆପଲ୍ଲୀ ୩୭ ନଂ ୱାର୍ଡରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଥିଲା। କର୍ପୋରେଟର ଶ୍ରୀମତୀ ବନ୍ଦିତା ପାଲ୍, ସମାଜସେବୀ ଅର୍ଜୁନ ବେହେରାଙ୍କ ପ୍ରଚେଷ୍ଟା ଓ ଭୁବନେଶ୍ୱର ଏମ୍ସ ମେଡ଼ିକାଲର ଅଭିଜ୍ଞ ଡାକ୍ତରଙ୍କ ସହଯୋଗରେ ଏହି ଶିବିର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଗୋଲାପ ରେସର୍ଟ ଠାରେ ଆୟୋଜିତ ଏହି ଶିବିରରେ ୱାର୍ଡର ବହୁ ବରିଷ୍ଠ ନାଗରିକ (ବୃଦ୍ଧବୃଦ୍ଧା) ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ, ଡାଇବେଟିସ, ରକ୍ତଚାପ, ଆଣ୍ଠୁ ଗଣ୍ଠି, ଚର୍ମ, ଆଖି ଆଦିର ଚିକିତ୍ସା କରାଯିବା ସହ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ୱାର୍ଡର ମାସ୍ ମେମ୍ବର ମାନେ ସହଯୋଗ କରିଥିଲେ ନୂଆପଲ୍ଲୀ ବରିଷ୍ଠ ନାଗରିକ ସୋସାଇଟି ସଭାପତି ସମ୍ପାଦକ ୧୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଆଗକୁ ମଧ୍ୟ ଏହି ସେବା ୱାର୍ଡର ବିଭିନ୍ନ ସ୍ଥାନରେ ଉପଲବ୍ଧ କରାଇ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ କରିବାକୁ ପ୍ରୟାସ ଜାରି ରହିବ ବୋଲି କର୍ପୋରେଟର କହିଛନ୍ତି।

# ଭଞ୍ଜନଗର କୋର୍ଟରେ ଆୟୁର୍ବେଦ ଚିକିତ୍ସା ଶିବିର

**ଅନୁସନ୍ଧାନ ଭାରତ(ବ୍ୟୁର):** ରାଜ୍ୟ ସ୍ତରୀୟ ସାମାଜିକ ଆନ୍ଦୋଳନରେ ବଳିଷ୍ଠ ଯୋଗଦାନ କରିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରତ୍ୟୁଷ' ଓ ଭଞ୍ଜନଗର ଓକିଲ ସଂଘର ମିଳିତ ଆନୁକୂଲ୍ୟରେ କୋର୍ଟ ପରିସରରେ ଶୁକ୍ରବାର ଦୁଇ ଦିନିଆ ଆୟୁର୍ବେଦ ଚିକିତ୍ସା ସଚେତନତା ଓ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ସନ୍ତୋଷ ନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଦେବଦତ୍ତ ପଟ୍ଟନାୟକ ଏହି ଶିବିର ଉଦଘାଟନ କରିଥିଲେ। ବରିଷ୍ଠ ଦେୱାନୀ ଜଜ୍ ସୋମାଳିନୀ ମିଶ୍ର, ଏସଡିଜେଏମ ଅମିତ କୁମାର ଉପସ୍ଥିତ ଥିଲେ। ବରିଷ୍ଠ ଆୟୁର୍ବେଦିକ ଡାକ୍ତର ରମେଶ ଚନ୍ଦ୍ର ଦାସ, ପ୍ରଫେସର ଡ଼.ମହେଶ୍ୱର ଦାସ, ଡ଼.ସତ୍ୟ ନାରାୟଣ ପଟ୍ଟନାୟକ, ଡ଼.ଶରତ ରାଉତ, ଡ଼.ବ୍ରଜବନ୍ଧୁ ପାତ୍ର, ଡ଼.ସୀମାଞ୍ଚଳ ପତି, ଡ.ଯଜ୍ଞ ନାରାୟଣ ବେହେରା, ଡ଼.ଅଶୋକ କୁମାର ଦଳାଇ, ଡ଼.ସ୍ୱର୍ଣ୍ଣକାନ୍ତ ଜେନା ପ୍ରମୁଖ ମଣିଷ ଜୀବନ ସ୍ୱାର୍ଥକତା ପାଇଁ ରୋଗ ଶୂନ୍ୟ ନିରାମୟ ଜୀବନ ନିର୍ବାହରେ ଆୟୁର୍ବେଦର ଭୂମିକା ଉପରେ ସୁଦୀର୍ଘ ମତ ପ୍ରକାଶ କରିଥିଲେ। ଦୁଇଦିନ ବ୍ୟାପି ହେବାକୁ ଥିବା ଏହି ଶିବିରରେ ପ୍ରଥମ ଦିନରେ ଦୁଇ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯିବା ସହ ସମ୍ପୂର୍ଣ୍ଣ ମାଗଣାରେ ଔଷଧ ଯୋଗାଇ ଦିଆଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରତ୍ୟୁଷ'ର ନିର୍ଦ୍ଦେଶକ ନିରଞ୍ଜନ ପଣ୍ଡା ଶିବିରକୁ ପରିଚାଳନା କରିଥିଲେ। ଆଇନଜୀବୀ ଅମରେଶ ମହାପାତ୍ର, ଧୀରେନ ସ୍ୱାଇଁ, ଚନ୍ଦ୍ର ମଣି ମହାପାତ୍ର, ରାଜେନ୍ଦ୍ର କୁମାର ପ୍ରଧାନ, ସନ୍ତୋଷ ତିଆଡ଼ି, ମନୋଜ ପଟ୍ଟନାୟକ, ଅଶ୍ୱିନୀ ପାଣିଗ୍ରାହୀ, ଗିରିଜା ଶଙ୍କର ଭୂୟାଁ, ଛବିଲାଲ ପୁଷ୍ଟି, ଜୀବନ ମିଶ୍ର, ଅନମୋଲ ସୁବୁଦ୍ଧି, ଭକ୍ତିକାନ୍ତ ମିଶ୍ର ପ୍ରମୁଖ ଶିବିର କୁ ପରିଚାଳନା କରିଥିଲେ।

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

**ଅନୁସନ୍ଧାନ ଭାରତ(ବ୍ୟୁର):** ଗଞ୍ଜାମ ଜିଲ୍ଲା ଛତ୍ରପୁର ଠାରେ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିର୍ନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଅଞ୍ଜଳି ସ୍ୱାଇଁ, ଛତ୍ରପୁର ବିଧାୟକ ଶ୍ରୀ ସୁବାସ ବେହେରା, ଛତ୍ରପୁର ଉପଜିଲ୍ଲାପାଳ, ଏଡିଏମ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ବ୍ଲକରୁ ଆସିଥିବା ବହୁ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇ ଥିଲା।

# ପିସିସି ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ

**ଅନୁସନ୍ଧାନ ଭାରତ(ବ୍ୟୁର):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ପବିତ୍ର ଜୟନ୍ତୀ ଉତ୍ସବ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପିସିସି ପକ୍ଷରୁ କଂଗ୍ରେସ ନେତୃବୃନ୍ଦ ଗୋପବନ୍ଧୁ ଛକ ଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଚିନ୍ମୟ ସୁନ୍ଦର ଦାସ, ଅମୀୟ କୁମାର ପଟ୍ଟନାୟକ, ପଦ୍ମାକର ଗୁରୁ, ମାନସ ରଞ୍ଜନ ଆଚାର୍ଯ୍ୟ, ରଜନୀ ମହାନ୍ତି, ତ୍ରିଲୋଚନ ମହାନ୍ତି, ଲିଙ୍ଗରାଜ ସାହୁ, ଶ୍ରୀନିବାସ ରାଉତରାୟ, ଶଙ୍କୁନା କଂଅର, ସଞ୍ଜୟ ମିଶ୍ର, ଆଲୋକ ମହାନ୍ତି, ଦୀପକ ମହାପାତ୍ର, ଦେବେନ୍ଦ୍ର ପ୍ରସାଦ ଦାସ, ସୁବାସ ମହାନ୍ତି, ରାଇଚରଣ ମହାନ୍ତି, ମିହିର ଆଚାର୍ଯ୍ୟ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଲାଲସିଙ୍ଗ ସ୍ଥିତ ନର୍ସରୀ ଠାରେ ୬୮ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଉଦଯାପିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ଭଞ୍ଜନଗର ଅଞ୍ଚଳର ଲାଲସିଙ୍ଗି ସ୍ଥିତ ନର୍ସରୀ ଠାରେ ୬୮ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହର ଅନ୍ତିମ ଦିବସ ଉତ୍ତର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଦକ୍ଷିଣ ବନଖଣ୍ଡ ଅଧିକାରୀ ଦିଲ୍ଲୀପ କୁମାର ରାଉତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ବଡ଼ କୋଦଣ୍ଡା ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ



ସନ୍ତୋଷ ଜେନା, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ ଓ ବିଭାଗୀୟ ବରିଷ୍ଠ ସହାୟକ ଅଶୋକ କୁମାର ସାହୁ ଯୋଗଦେଇଥିଲେ। ଜୈବ ବିବିଧତା, ବନ୍ୟପ୍ରାଣୀ ସନ୍ତୁଳନ, ଉପରେ ଅତିଥିମାନେ ମତବ୍ୟକ୍ତ କରିଥିବାବେଳେ ମୁଖ୍ୟଅତିଥି ଶ୍ରୀ ରାଉତ ଭାରତର ବନ୍ୟପ୍ରାଣୀ ସାରଣୀ, ପଶୁପକ୍ଷୀ, ସରୀସୃପ ଏବଂ ହାତୀ, ବାଘ, ଭାଲୁ, ହରିଣ, ସମ୍ବର, ବାରହାଙ୍କର ସମାଜରେ ଆବଶ୍ୟକତା ଉପରେ ମତରଖି ଥିଲେ। ସଭାପତି ଶ୍ରୀ ବେହେରା ବନ୍ୟପ୍ରାଣୀର ସୁରକ୍ଷା, ଜଙ୍ଗଲ ସୁରକ୍ଷା ସମିତିର କାର୍ଯ୍ୟ, ବିଭାଗୀୟ କର୍ମଚାରୀଙ୍କ ଭୂମିକା ଉପରେ ବକ୍ତବ୍ୟ ସହ ଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ଫାସୀ କାଠର ସନ୍ଧାନ ପରେ ପୁରୀ ପଠାଯିବା ପାଇଁ ସହଯୋଗ ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ଶାନ୍ତନୁ କୁମାର ସାହୁ ସଂଯୋଜନା କରିଥିବା ବେଳେ ଦାଶକାଠି ନୃତ୍ୟ ମାଧ୍ୟମରେ ବନ୍ୟପ୍ରାଣୀ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଭାଗର ବନରକ୍ଷୀ, ବନପାଳ ଓ ବନ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଗୁରୁକୁଳ ଇଣ୍ଟରନେସନାଲ ପବ୍ଲିକ ସ୍କୁଲରେ ପେରେଣ୍ଟସ ମିଟିଙ୍ଗ ଅନୁଷ୍ଠିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ବ୍ରହ୍ମପୁର ମହାନଗରର ଲାଞ୍ଜିପଲ୍ଲୀ ଗୁଡ଼ସେଡ ରୋଡ ସ୍ଥିତ ଗୁରୁକୁଳ ଇଣ୍ଟରନେସନାଲ ପବ୍ଲିକ ସ୍କୁଲରେ ପେରେଣ୍ଟସ ମିଟିଙ୍ଗ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀମାନଙ୍କର ଅର୍ଦ୍ଧବାର୍ଷିକ ପରୀକ୍ଷାର ଫଳାଫଳ ଘୋଷଣା କରାଯାଇଥିଲା। କ୍ଲାସରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଛି। ୟୁକେଜି କ୍ଲାସରେ ପଢୁଥିବା ଛାତ୍ରୀ କ୍ରିତିକ ପ୍ରଧାନ କ୍ଲାସରେ ସବୁ ଛାତ୍ରଛାତ୍ରୀମାନଙ୍କ ଠାରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ସାର୍ଟିଫିକେଟ ଦେଇ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ, ପେରେଣ୍ଟସମାନେ ଉପସ୍ଥିତ ଥିଲେ।

# ଆକ୍ସନ ମୋଡ଼ରେ ରାଜ୍ୟ କଂଗ୍ରେସ

















## ଭଞ୍ଜନଗରରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

**ଅନୁସନ୍ଧାନ ଭାରତ(ବ୍ୟୁରୋ):** ରକ୍ତର ବିକଳ୍ପ ସୃଷ୍ଟି ହୋଇନାହିଁ। ଅନ୍ୟର ଜୀବନ ବଞ୍ଚାଇବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ଏକ ମାତ୍ର ବିକଳ୍ପ। ରକ୍ତଦାନ କରିବା ନିମନ୍ତେ ବ୍ୟପକ ସଚେତନ କରାଯାଉଥିଲେ ମଧ୍ୟ ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ନୂତନ ରକ୍ତଦାତା ସୃଷ୍ଟି କରିବା ଆବଶ୍ୟକ। ବିଶେଷ କରି ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ମହିଳାଙ୍କ ସଂଖ୍ୟା ଅପେକ୍ଷାକୃତ ଭାବେ ବହୁତ କମ୍ ରହିଥିବାରୁ ବିଭିନ୍ନ ରକ୍ତଦାନ ଶିବିର ସମୟରେ ଅଧିକରୁ ଅଧିକ ମହିଳାମାନଙ୍କୁ ଏହି ରକ୍ତଦାନରେ ସାମିଲ କରିବା ପାଇଁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାଳନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିବା ରକ୍ତ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେଡିକାଲ୍ ଅଧୀକ୍ଷକ ଡା.ସୀତାଂଶୁ ଶେଖର ଶତପଥି ଅଧ୍ୟକ୍ଷତା କରିଥିଲେ। ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ରକ୍ତ ଭଣ୍ଡାର ଅଧିକାରୀ ଡା.ଗୋବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗରୀବ ଅସହାୟ ରୋଗୀମାନଙ୍କୁ ସହାୟତା କରିବା ପାଇଁ ନିୟମିତ ରକ୍ତଦାନ ଶିବିର ଆୟୋଜନ କରିବା ଜରୁରୀ ବୋଲି ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମେଡିକାଲ୍ ପରିଚାଳକ ବିଚିତ୍ର କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ। ଏହି ଅବସରରେ ନିୟମିତ ରକ୍ତଦାନ ଶିବିର କରୁଥିବା ସମ୍ବାଦ ଆମ ଓଡ଼ିଶା, ଆମ ପୁଲିସ ସମିତି, ବିପଦର ବନ୍ଧୁ ଭଳି ପ୍ରାୟ ୨୫ ଟି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବାଦ ପ୍ରତିନିଧି ବିଶ୍ୱମ୍ଭର ଜେନା, ବେଲଗୁଣ୍ଠା ପ୍ରତିନିଧି ପ୍ରଦ୍ୟୁମ୍ନ ପାତ୍ର, କ୍ଷତ୍ରୀୟବ୍ରହ୍ମପୁର କଲେଜ ଅଧ୍ୟକ୍ଷ ବି.ଗୋବିନ୍ଦ ରାଓ, ଏନ୍ଏସି ଇଓ ଆଶୁତୋଷ ଗୌରବ କର, ସୁରେନ୍ଦ୍ର ମହାପାତ୍ର, ବିପିନ କୁମାର ପାଣିଗ୍ରାହୀ, ସୀମାଞ୍ଚଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ସୁବିଧାରୁ ବଞ୍ଚିତ ଅସହାୟ ବିଧବା ଜେଜେ ଅଳଙ୍କମଣି କନ୍ଧପାନ, ଦୁଇ ଅନାଥ ନାତିଙ୍କ ସାଜିଛନ୍ତି ସାହା ଭରସା

**ଅନୁସନ୍ଧାନ ଭାରତ(ବ୍ୟୁରୋ):** ଇଏ ହେଉଛି ଅଦିବାସୀ ଅଧ୍ୟୁସିତ କରାପୁଟ ଜିଲ୍ଲାର ନଗ୍ନ ଚିତ୍ର। ସରକାରଙ୍କ ମାଳମାଳ ଯୋଜନା କେତେଯେ ଜନସାଧାରଣଙ୍କ ଯୋଗ୍ୟ ହିତାଧିକାରୀଙ୍କ ପାଖକୁ ପହଞ୍ଚି ପାରିଛି ଜଳଜଳ ହୋଇ ଦେଖା ଦେଉଛି। ବର୍ତ୍ତମାନ ସୁଦ୍ଧା କୋରାପୁଟ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମସ୍ତିପୁଟ ପଞ୍ଚାୟତ ବଙ୍ଗଳାଗୁଡା ଗାଁର ଅଳଙ୍କମଣି କନ୍ଦପାନ ମକାପଡ଼ି। ବର୍ତ୍ତମାନ ଦୁଇ ଅନାଥ ନାତିଙ୍କ ସାହା ଭରୋଷା ସାଜିଛନ୍ତି। ନାତିମାନଙ୍କୁ ମଣିଷ କରିବାରେ ଦିନରାତି ଏକ କରି ଲାଗିପଡ଼ିଛନ୍ତି । ସୂଚନା ଅନୁଶାରେ ଅଳଙ୍କମଣି ଦୀର୍ଘବର୍ଷ ହେଲା ତାଙ୍କର ବଡ଼ପୁଅ ଆରପାରି ଚାଲି ଯାଇଥିବାରୁ ବହୁ ଦୁଇ ପୁଅଙ୍କୁ ଛାଡି ନିଜ ବାପ ଘରକୁ ଚାଲି ଯାଇଥିବାରୁ ସ୍ୱାମୀ ଓ ସ୍ତ୍ରୀ ଦୁହେଁ ତାଙ୍କର ଦୁଇ ନାତିମାନଙ୍କୁ ଲାଳନ ପାଳନ କରି ଆସୁଥିଲେ। କିନ୍ତୁ ଏକ ନିର୍ଦ୍ଧିଷ୍ଟ ରୋଗରେ ପୀଡିତ ହୋଇ ତାଙ୍କର ସ୍ୱାମୀ ମଧ୍ୟ ଆରପାରିରେ ଚାଲିଗଲେ। ସ୍ୱାମୀ ଚାଲି ଗଲା ପରେ ଅଳଙ୍କ ସମ୍ପୂର୍ଣ୍ଣ ଏକା ହଇ ଗଲେ। ତାଙ୍କ ଉପରେ ଦୁଇ ନାତୀଙ୍କ ଲାଳନ ପାଳନ କରିବାର ଦାୟୀତ୍ୱ ଭାର ପଡ଼ି ଥିଲା। ବିଧବା ମହିଳା ଜଣକ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରି ଆସୁଥିଲେ। କିନ୍ତୁ ଏବେ ଚଳିବା ପାଇଁ ବହୁତ ସମସ୍ୟାର ସମ୍ମୁଖିନ ହେବାକୁ ପଡୁ ଥିବା କହିଛନ୍ତି। ସେଥିପାଇଁ ସେ ପୋଡା ମକା ବିକି ପରିବାର୍ ପ୍ରତିପୋଷଣ କରୁଥିବା ପ୍ରକାଶ କରିଛନ୍ତି। ସରକାରଙ୍କ ସାହାୟତ କହିଲେ ୧୫କେଜି ଚାଉଳ ଓ ୫୦୦ଟଙ୍କା ବିଧବା ଭତ୍ତା। ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ ସେ କହିଛନ୍ତି କି ନିଜର ଜମି ବାଡି ମଧ୍ୟ ନାହି ଏବଂ ରହି ବାକୁ ଭଲ ଘର ଖଣ୍ଡେ ନାହିଁ। ଏଠାରେ ପ୍ରଶ୍ନ ଉଠେ ଯେ ସରକାରଙ୍କର ଯାଜନା କାହା ପାଇଁ। ସରକାର ପ୍ରତ୍ୟକ ଦିନ ଯୋଜନା ଉପରେ ଯୋଜନା ଘୋଷଣା କରୁଛନ୍ତି। ଯଦି ଅଳଙ୍କମଣି କନ୍ଦପାନଙ୍କ ପାଖରେ ରହିବାକୁ ଘର ଖଣ୍ଡିଏ ନାହିଁ ତ ଗରିବଙ୍କ ପାଇଁ ହୋଇ ଥିବା ବିଜୁପକା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାହା ପାଇଁ ? ତେଣୁ ପ୍ରଶାସନ ତୁରନ୍ତ ବିଧବା ମହିଳା ଅଳଙ୍କମଣିଙ୍କୁ ଘର ଖଣ୍ଡିଏ ଯୋଗାଇ ଦେବା ପାଇଁ ଗାଁ ଲୋକ ସରକାରଙ୍କ ପାଖରେ ଦାବି କରଛନ୍ତି।

# କର୍ପୋରେଟରର ସ୍ୱର୍ଣ୍ଣଲତା ସାବତ ଅଧକ୍ଷତାରେ ମନ୍ଦିରର ଉନ୍ନୟନ କମିଟି ଗଠିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ବ୍ରହ୍ମପୁର ମହାନଗରର ଲାଞ୍ଜିପଲ୍ଲୀ ଗ୍ରାମ ଓ୍ୱାର୍ଡ ନଂ ୩୮ ସ୍ଥିତ ଗଣେଶ ମନ୍ଦିର ପ୍ରାଙ୍ଗଣରେ କାର୍ପୋରେଟର ଶ୍ରୀମତୀ ସ୍ୱର୍ଣ୍ଣଲତା ସାବତ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମନ୍ଦିରର ଉନ୍ନୟନ ସକାଶେ ଏକ ନୂତନ କମିଟି ଗଠନ କରାଯିବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। କମିଟି ସକାଶେ ଚୟନ ହୋଇଥିବା ସଦସ୍ୟମାନେ ହେଲେ ଉପଦେଷ୍ଟା ଶ୍ରୀମତୀ ସର୍ଣ୍ଣଲତା ସାବତ କର୍ପୋରେଟର, ଭଗବାନ ଗନ୍ତାୟତ, ଜଗନ୍ନାଥ ସାବତ, ଦୁର୍ଗା ମାଧବ ସାବତ, ଏ.ରାଜା ରାଓ ଆଇନ ପରାମର୍ଶ ଦାତା, ରାଜେନ୍ଦ୍ର କୁମାର ସାବତ, ଟି.ଭେଙ୍କେଟ ରାଓ, ତାରା ଚନ୍ଦ୍ର ପାତ୍ର, ସଭାପତି ଲକ୍ଷ୍ମୀ ନାରାୟଣ ବେହେରା, ଉପସଭାପତି ଉମାକାନ୍ତ ପାଣିଗ୍ରାହୀ, ଲଡ୍ଡୁ କିଶୋର ସାହୁ, ସାଧାରଣ ସମ୍ପାଦକ ଅଲେଖ ଚନ୍ଦ୍ର ପାଣିଗ୍ରାହୀ, ସହସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ଏନ.ଉମାଶଙ୍କର, ଦିଲ୍ଲୀପ କୁମାର ବେହେରା, କୋଷାଧକ୍ଷ ଡି.ଭେଙ୍କଟ ରାଓ, କାର୍ଯ୍ୟକାରୀ ସଦସ୍ୟ ଓ ସଦସ୍ୟା ଭାବେ ପି.ସୀମାଦ୍ରୀ ପାତ୍ର, ଏଲ. ଗୋବିନ୍ଦ, ପ୍ରଦୀପ କୁମାର ପଣ୍ଡା, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଚନ୍ଦ୍ରଶେଖର ସାବତ, ନୀଳ ମାଧବ ନେପାକ, ମୋହନ ରେଡି, ଅକ୍ଷୟ କୁମାର ମିଶ୍ର, ସତ୍ୟନାରାୟଣ ଖାଡ଼ଙ୍ଗା, ଅଶ୍ୱିନୀ କୁମାର ପାଣିଗ୍ରାହୀ, ଏ.କାଶୀନାଥ ପାତ୍ର, ଦେବରାଜ ଦାସ, ଲକ୍ଷ୍ମୀଶ୍ରୀୟା ପାଣିଗ୍ରାହୀ, ଲଛମନ ଦାସ, କେ ଏଙ୍କେଟି ଈଶ୍ୱରୀ, ଏନ.କେଦରୀ ରେଡି, କେ. ପୋଲା ରାଓ, ସତ୍ୟବ୍ରତ ବ୍ରହ୍ମା, ଜଗଦୀଶ ବାରିକ, ରବୀନ୍ଦ୍ର ବାରିକ, ସୂର୍ଯକାନ୍ତ ଚୌଧୁରୀ, ପି.ଗଣେଶ ରେଡି, ପି ଚେଙ୍ଗଲ ରାଓ, ଗୋବିନ୍ଦ ସ୍ୱାଇଁ, ବସନ୍ତ ପଟ୍ଟନାୟକ, ଶକ୍ତି ପାଣିଗ୍ରାହୀ, ସିଲୁ ବିଶ୍ୱାଳ ପ୍ରମୁଖ ମନୋନିତ ହୋଇଛନ୍ତି।

# ଗାଲେରୀ କଲେଜ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ଭଞ୍ଜନଗର ବ୍ଲକ ସ୍ଥିତ ଦଣ୍ଡପାଣି ମହାରଥା କଲେଜର ୩୧ ତମ ପ୍ରତିଷ୍ଠା ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସୁଶାନ୍ତ କୁମାର ନାୟକଙ୍କ ପୌରାହିତ୍ୟ ଅନୁଷ୍ଠିତ କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଲଗୁଣ୍ଠା ଅଞ୍ଚଳର ନାଟ୍ୟ ନିର୍ଦ୍ଦେଶକ ତଥା ସମାଜସେବୀ ଆଲୁପତି ସୁରେଶ ପାତ୍ର, ମୁଖ୍ୟ ବକ୍ତା ଭାବରେ ବେଲଗୁଣ୍ଠା କଲେଜ ଇତିହାସ ବିଭାଗ ମୁଖ୍ୟ ଅଶୋକ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ମାମାଜିନ ଗୌଡ଼, ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ସାହୁ ଓ କଣ୍ଠଶିଳ୍ପୀ ରୋଜାଳିନ ପତି ପ୍ରମୁଖ ମଞ୍ଚାସୀନ ଥିଲେ। ଦୀର୍ଘ ୩୧ ବର୍ଷରେ ଗଢି ଉଠିଥିବା ଏହି ମହାବିଦ୍ୟାଳୟର ସ୍ମୃତି, ଅନୁଭୂତି ଓ ଉନ୍ନତିର ଗାଥା ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ଅତିଥି ବୃନ୍ଦ କାମନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପାତ୍ର ଓ କଲେଜର ପୁରାତନ ଛାତ୍ର ପ୍ରଶାନ ଗୌଡ଼ଙ୍କୁ କଲେଜ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥି ସହିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦୁର୍ଗା ମାଧବ ଦାସ ସଭା ସଂଯୋଜନା କରିଥିବା ବେଳେ ଛାତ୍ରୀ ଟିକି ବେହେରା ଓ ସନ୍ତୋଶିନୀ ଡାକୁଆ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବଙ୍ଗାଳି, ଦେବା, ସିଲୁଙ୍କ ସମେତ କଲେଜର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ବିରୂପାକ୍ଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶୀ ବନ୍ଧୁକ ସହ ଜଣକୁ କାବୁ କଲା ବନ ବିଭାଗ

**ଅନୁସନ୍ଧାନ ଭାରତ(ବ୍ୟୁର):** ଉତ୍ତର ଘୁମୁସର ବନଖଣ୍ଡର କେନ୍ଦ୍ରୀୟ ବନାଞ୍ଚଳ ଅଧୀନ ଲାଠିପଡା ସେକ୍ସନ୍‌ର ବିଞ୍ଜିଗିରି ସଂରକ୍ଷିତ ଜଙ୍ଗଲରେ ଥିବା ବାରଧାଙ୍ଗିଡି ଇଲାକାରେ ଏକ ଦେଶୀ ବନ୍ଧୁକ ସହ ଜଣେ ଯୁବକକୁ ଗତକାଲି ରାତିରେ ବନ ବିଭାଗ କାବୁ କରିଛି। ସୂଚନା ଅନୁଯାୟୀ ଗତକାଲି ରାତିରେ ବନରକ୍ଷୀ ଶିବାନନ୍ଦ ଦଳେଇ ପେଟ୍ରୋଲିଂ କରୁଥିବା ବେଳେ ଗାଙ୍ଗପୁର ଥାନା ସୁବର୍ଣ୍ଣପୁର ଗ୍ରାମର ଆରତ ଗମାଙ୍ଗ ଏକ ଦେଶୀ ବନ୍ଧୁକ ନେଇ ବୁଲୁଥିବା ଦେଖିଥିଲେ। ଏହାପରେ ବନପାଳ ଅମ୍ରିତା ଜେନାକୁ ଖବର ଦେବା ସହ ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ତାକୁ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିବା କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା ସୂଚନା ଦେଇଛନ୍ତି। ଏନେଇ କେସ୍ ନମ୍ବର ୨୪୮ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରହିଥିବା ଶ୍ରୀ ବେହେରା ସୂଚନା ଦେଇଛନ୍ତି।

# ଗୁଣପୁର ଉପଖଣ୍ଡ କଳିଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଜାତିର ପିତା ମହାତ୍ମାଗାନ୍ଧି ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ପାଳିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ରାୟଗଡ ଜିଲ୍ଲା ଗୁଣପୁର ଉପଖଣ୍ଡ କଳିଙ୍ଗ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଠାରେ ଆଜି ଜାତିର ପିତା ମହାତ୍ମାଗାନ୍ଧି ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗୁଣପୁରର ଗାନ୍ଧୀବାଦୀ ବ୍ୟକ୍ତି ତଥା ସର୍ବୋଦୟ କର୍ମୀ ଶ୍ରୀ ବାଞ୍ଛାନିଧି ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଗାଳ୍ପିକ, ପ୍ରବନ୍ଧକ, ଲେଖକ ଓ ଏକା ଧାରାରେ ଜଣେ ସମାଜସେବକ ଶ୍ରୀ ପ୍ରତାପ ରାୟ ଏବଂ ସମ୍ମାନିତ ଅତିଥି ଭାବେ ସଂଗୀତ ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର ମିଶ୍ର ଉପସ୍ଥିତ ରହି ମଞ୍ଚାସିନ ରହିଥିଲେ। କାର୍ଯ୍ୟକ୍ରମକୁ ସଂଘର ସଭାପତି ଶ୍ରୀ ମାଧବ ବିଡିକା ସଭାପତିତ୍ୱ କରିଥିବା ବେଳେ ଆବାହକ ଶ୍ରୀ ଶକ୍ତି ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ସମାଜସେବୀ ଶ୍ରୀ ଉମା ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଗାନ୍ଧିବାଦୀ ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ କରାଯାଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ନିମନ୍ତ୍ରିତ ଅତିଥିମାନେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଦେଶ ପ୍ରତି ଉତ୍ସର୍ଗୀକୃତ କାର୍ଯ୍ୟ କଳାପକୁ ବ୍ୟାଖ୍ୟା କରି ଅଭିଭାଷଣ ପ୍ରଦାନ କରିଥିଲେ। ସଂଘ ସଦସ୍ୟଙ୍କ ଦ୍ୱାରା ଉଭୟ ପ୍ରବାଦ ପୁରୁଷଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଆମନ୍ତ୍ରିତ ଅତିଥିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ଉପସ୍ଥିତ ସଦସ୍ୟମାନଙ୍କୁ ଗାନ୍ଧୀଙ୍କ ନୀତି ଅନୁସରଣ କରି ସମାଜ ପ୍ରତି ସେମାନଙ୍କ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହିଭଳି ଗୁଡ଼ାରୀ ଶାଖା ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ଗୁଡାରୀ କଲେଜ ଛକ ଠାରେ ଅବସ୍ଥାପିତ ଗାନ୍ଧି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଟି ଜଗନ୍ନାଥ ରାଓ ଅତିଥି ଭାବେ ଯୋଗଦେଇ କଳିଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ କରାଯାଇଥିବା ଏଭଳି କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଶଂସା କରିବା ସହ ସ୍ଥାନୀୟ ଅନ୍ୟ ସମ୍ବାଦଦାତାମାନେ ଏହାଙ୍କ ପଥ ଅନୁସରଣ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସାମ୍ବାଦିକ ଶ୍ରୀ ତ୍ରିପତି ବିଡିକା, ଶ୍ରୀ ବୀର କିଶୋର ନନ୍ଦ ଏବଂ ଶ୍ରୀ ଏଲ ଗୌରୀ ପରିଚାଳନା କରିଥିଲେ।

# କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦର ପ୍ରଚେଷ୍ଟାରେ ଫୁଲବାଣୀ ଠାରୁ ଚକାପାଦ ପର୍ଯ୍ୟନ୍ତ ଘରୋଇ ବସ ଆଜିଠାରୁ ଚଳାଚଳ ଆରମ୍ଭ



**ଅନୁସନ୍ଧାନ ଭାରତ(ବ୍ୟୁର):** କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦ'ର ପ୍ରଚେଷ୍ଟା ଯୋଗୁଁ ଫୁଲବାଣୀ ଠାରୁ ଚକାପାଦ ପର୍ଯ୍ୟନ୍ତ ଏକ ଘରୋଇ ବସ ଆଜିଠାରୁ ଚଳାଚଳ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପାଧକ୍ଷ ଦିଲୀପ କୁମାର ସାହାଣୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ବସ ଫୁଲବାଣୀରୁ ବାହାରି ତିଳକ ପଡ଼ା, କଳାର୍ଡ଼ି, ଘୋଡା ଗାଡୁ, ଭୁକ୍ତା କନାଳି, ବଡଭୁଇଁ, ଆଡାସି ପଡ଼ା, ଲାଇନ ପଡ଼ା ଦେଇ ଚକାପାଦ ଯିବାକୁ ସ୍ଥିରୀକୃତ ହୋଇଛି। ଏହି ଗ୍ରାମ ଗୁଡ଼ିକୁ ବସ ଯୋଗାଯୋଗ ନ ଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏସବୁ ଗ୍ରାମରୁ ଶହ ଶହ ଲୋକ ନିଜର ଜୀବନଜୀବିକା ପାଇଁ ଫୁଲବାଣୀ ସହର ଉପରେ ନିର୍ଭର କରନ୍ତି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପ୍ରଧାନ, ଉପସମ୍ପାଦକ ଶୁଭେନ୍ଦୁ ତ୍ରିପାଠୀ, ସଭ୍ୟ ଦିଲୀପ କୁମାର ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ଶତ୍ରୁଘନ ମହାନ୍ତି, ପ୍ରସନ୍ନ ପଟ୍ଟନାୟକ, ଫିଲେମୋହନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ରାଜକିଶୋର ବେହେରା, ପ୍ରସନ୍ନ ସାହାଣୀ, ସର୍ବେଶ୍ୱର ମିଶ୍ର ଓ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବସ ଚଳାଚଳ ଶୁଭାରମ୍ଭ ପରେ ପ୍ରତ୍ୟେକ ଗ୍ରାମରେ ଜନ ସାଧାରଣ ମଧ୍ୟରେ ଉତ୍ସାହ ଦେଖା ଦେଇଥିଲା ଓ ସେମାନେ ରାସ୍ତା ରେ ବନ୍ଧା ପନା କରିଥିଲେ। ଗତ ୨ବର୍ଷ ହେଲା ଅନୁଷ୍ଠାନର ସଦସ୍ୟମାନେ ଅକ୍ଳାନ୍ତ ପରିଶ୍ରମ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଫୁଲବାଣୀ ଘରୋଇ ବସ ମାଲିକ ସଂଘ ସହାୟତାର ହାତ ବଢ଼ାଇ ଥିଲା।

# ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କ ମୃତ ଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଅନୁସନ୍ଧାନ ଭାରତ(ବ୍ୟୁର):** ତାରାସିଂ ଥାନା ଗଜାପଦର ଗ୍ରାମରେ ଟଙ୍କା ପାଇଁ ନିଜ ଜନ୍ମକଲା ମାଆକୁ ଅତି ନିର୍ମମ ଭାବେ ହତ୍ୟା କରିଛି ପୁଅ। ମୃତ ମହିଳା ଜଣକ ହେଲେ ତ୍ରିବେଣୀ ନାୟକ (୫୦)। ସୂଚନା ମୁତାବକ ଗଜା ପଦର ଗ୍ରାମରେ ପୁଅ ସନା ନାୟକ ସହିତ ମାଆ ତ୍ରିବେଣୀ ରହୁଥିଲେ। ହେଲେ ସନା ଜଣେ ମଦ୍ୟପ ପ୍ରକୃତିର ହୋଇଥିବାରୁ ସବୁବେଳେ ମାଆ ତ୍ରିବେଣୀକୁ ଟଙ୍କା ମାଗୁଥିଲା। ଯାହାକୁ ନେଇ ଅଧିକାଂଶ ସମୟରେ ଘରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ୪ଦିନ ତଳେ ତ୍ରିବେଣୀ ସମ୍ପର୍କୀୟଙ୍କ ଘରୁ ନିଜ ଘରକୁ ଫେରିଥିଲେ। ଶୁକ୍ରବାର ରାତିରେ ସନା ନିଶାସକ୍ତ ଅବସ୍ଥାରେ ଆସି ତ୍ରିବେଣୀକୁ ଟଙ୍କା ମାଗିଥିଲା ହେଲେ ତ୍ରିବେଣୀ ମନା କରିବାରୁ ଦୁହିଙ୍କ ମଧ୍ୟରେ ଝଗଡା ହୋଇଥିଲା। ସନା ଉତ୍ତ୍ୟକ୍ତ ହୋଇ ଏକ ଲୁହା ରଡ଼ ସାହାଯ୍ୟରେ ତ୍ରିବେଣୀର ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲା। ଶନିବାର ସକାଳେ ପଡୋଶୀମାନେ ତ୍ରିବେଣୀକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତନାଘନା କରିବା ସହିତ ପୁଅକୁ ଅଟକ ରଖି ତଦନ୍ତ ଚଳାଇଛି। ଏଥି ସହିତ ଛତ୍ରପୁରରୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ କରି ଫେରିଥିବା ଜଣା ପଡ଼ିଛି। ମୃତଦେହକୁ ପୁଲିସ ଜବତ କରି ଭଞ୍ଜନଗର ମେଡ଼ିକାଲ ବ୍ୟବଚ୍ଛେଦ ପାଇଁ ପଠେଇଥିବା ବେଳେ ଏସମ୍ପର୍କରେ ତାରସିଂ ଥାନା କେସ ନଂ ୩୨୧/୨୨ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପ୍ରଦୀପ୍ତ କୁମାର ଦାସ ସୂଚନା ଦେଇଛନ୍ତି।

# ଗାଲେରୀ କଲେଜ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ଭଞ୍ଜନଗର ବ୍ଲକ ସ୍ଥିତ ଦଣ୍ଡପାଣି ମହାରଥା କଲେଜର ୩୧ ତମ ପ୍ରତିଷ୍ଠା ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସୁଶାନ୍ତ କୁମାର ନାୟକଙ୍କ ପୌରାହିତ୍ୟ ଅନୁଷ୍ଠିତ କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଲଗୁଣ୍ଠା ଅଞ୍ଚଳର ନାଟ୍ୟ ନିର୍ଦ୍ଦେଶକ ତଥା ସମାଜସେବୀ ଆଲୁପତି ସୁରେଶ ପାତ୍ର, ମୁଖ୍ୟ ବକ୍ତା ଭାବରେ ବେଲଗୁଣ୍ଠା କଲେଜ ଇତିହାସ ବିଭାଗ ମୁଖ୍ୟ ଅଶୋକ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ମାମାଜିନ ଗୌଡ଼, ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ସାହୁ ଓ କଣ୍ଠଶିଳ୍ପୀ ରୋଜାଳିନ ପତି ପ୍ରମୁଖ ମଞ୍ଚାସୀନ ଥିଲେ। ଦୀର୍ଘ ୩୧ ବର୍ଷରେ ଗଢି ଉଠିଥିବା ଏହି ମହାବିଦ୍ୟାଳୟର ସ୍ମୃତି, ଅନୁଭୂତି ଓ ଉନ୍ନତିର ଗାଥା ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ଅତିଥି ବୃନ୍ଦ କାମନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପାତ୍ର ଓ କଲେଜର ପୁରାତନ ଛାତ୍ର ପ୍ରଶାନ ଗୌଡ଼ଙ୍କୁ କଲେଜ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥି ସହିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦୁର୍ଗା ମାଧବ ଦାସ ସଭା ସଂଯୋଜନା କରିଥିବା ବେଳେ ଛାତ୍ରୀ ଟିକି ବେହେରା ଓ ସନ୍ତୋଶିନୀ ଡାକୁଆ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବଙ୍ଗାଳି, ଦେବା, ସିଲୁଙ୍କ ସମେତ କଲେଜର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ବିରୂପାକ୍ଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଦାରୀ ଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ଖଜୁରୀପଡା ବ୍ଲକର ସେୟାର ପ୍ରକଳ୍ପ କାର୍ଯ୍ୟାଳୟ ଗୁଦାରୀ ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଯାଇ ଅଛି। ଏହି କାର୍ଯ୍ୟକ୍ରମ ଭାରତର ପ୍ରତେକ ଜିଲ୍ଲାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ୧ ଅକ୍ଟବରରୁ ୩୦ ଅକ୍ଟବର ୨୦୨୨ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମକୁ ଭାରତର କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭ ଉଦଘାଟନ କରିଛନ୍ତି। ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ସେୟାର ପକଳ୍ପ ଅନୁଷ୍ଠାନ ଗୁଦାରୀ ଠାରେ ସେୟାର ମୁଖ୍ୟ ପରିଚାଳକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛା ସେବୀମାନଙ୍କ ମଧ୍ୟରେ ସୋନାଲି ଡିଗାଲ, ରୀତିମା ବାଘ, ମେଘାରାଣୀ ମହାପାତ୍ର, ଚନ୍ଦ୍ର ମଣୀ ଦେହୁରୀ, ସିବେନ୍ଦ୍ର ଡିଗାଲ ଓ କମଳ ଲୋଚନ ଦେହୁରୀ, ମିନି କଂହର, ସୁଭଦ୍ରା ମଲ୍ଲିକ, ଗୋବିନ୍ଦ କହ୍ନର ପ୍ରମୁଖ ଉପସ୍ଥିତ ଥିଲେ। ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ୨୨୫୦୦ହଜାର କେଜି ପ୍ଲାଷ୍ଟିକ କଲେକ୍ସନ ହେବ ବୋଲି ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ନଭିନୀତ କୁମାର ଅବଗତ କରିଥିଲେ।

# ଦଶହରା ଖର୍ଚ୍ଚ ନଦେବାରୁ ଜଳଯୋଗାଣ ବନ୍ଦ କଲେ ପମ୍ପ ଡ୍ରାଇଭର

### ହାଣ୍ଡି ମାଠିଆ ଧରି ପ୍ରତିବାଦ କଲେ ମହିଳା



**ଅନୁସନ୍ଧାନ ଭାରତ (ବ୍ୟୁର):** ତାରାସିଙ୍ଗ ଥାନା ପାଟରାପଲ୍ଲୀ ଓ ଅରଖପଲ୍ଲୀ ଗ୍ରାମରେ ଶନିବାର ସକାଳୁ ପାନୀୟ ଜଳ ସମସ୍ୟାଙ୍କୁ ନେଇ ମହିଳାମାନେ ହାଣ୍ଡି ମାଠିଆ ଧରି ପ୍ରତିବାଦ କରିଛନ୍ତି। ଘଟଣା ଅନୁସାରେ ଏହି ଅଞ୍ଚଳ ପାଇଁ ନିଯୁକ୍ତ ହୋଇଥିବା ପମ୍ପ ଅପରେଟର ଜଣଙ୍କ ଦଶହରା ଖର୍ଚ୍ଚ ପାଇଁ ପ୍ରତି ପରିବାରକୁ ୫୦ ଟଙ୍କା ଲେଖାଏଁ ଚାନ୍ଦା ମାଗିଥିଲେ। କିଛି ଲୋକ ଚାନ୍ଦା ଦେଇଥିବା ବେଳେ ଅନ୍ୟମାନେ ଏହାକୁ ପ୍ରତିବାଦ କରି ଚାନ୍ଦା ଦେବାକୁ ମନା କରିଦେଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଗତ ରାତିରେ ପାଣି ବନ୍ଦ କରିବାକୁ ଧମକ ଦେଇଥିଲେ ଅପରେଟର। ଶନିବାର ସକାଳୁ ସତକୁ ଶତ ପାଣି ଛଡା ଯାଇ ନଥିଲା। ଯାହା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପମ୍ପ ଡ୍ରାଇଭରର ଏଭଳି କାର୍ଯ୍ୟରେ ଉତ୍ୟକ୍ତ ହୋଇ ଗାଁର ମହିଳା ଓ ପୁରୁଷ ଏକାଠି ହୋଇଥିଲା। ମହିଳାମାନେ ଗାଁ ଦାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ହାଣ୍ଡି ମାଠିଆ ରଖି ପ୍ରତିବାଦ କରିଥିଲେ। କିଛି ସମୟ ପରେ ପମ୍ପ ଡ୍ରାଇଭର ନିଜ ଭୁଲ ସ୍ୱୀକାର କରିବା ସହ ଲୋକଙ୍କ ଠାରୁ ନେଇଥିବା ଚାନ୍ଦା ଟଙ୍କା ଫେରାଇବା ପରେ ଗାଁ ରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ତେବେ ଘଟଣାର ତଦନ୍ତ ସହିତ ପମ୍ପଡ୍ରାଇଭରଙ୍କୁ ବହିଷ୍କାର କରି ନୂତନ ଡ୍ରାଇଭର ନିଯୁକ୍ତି ଓ କମିଟି ଗଠନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଯୁବ ଓ ଛାତ୍ର ବିଜେଡିର ନୂତନ କର୍ମକର୍ତ୍ତା ଚୟନ

## ବ୍ଲକ୍ ସଭାପତି ଭାଷା ଶତପାଥି ଓ ପୌରପରିଷଦର ଯୁବ ବିଜେଡ଼ି ସଭାପତି ରାମ ପଣ୍ଡା ମନୋନୀତ

**ଅନୁସନ୍ଧାନ ଭାରତ(ବ୍ୟୁର):** ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗୁଣପୁର ବ୍ଲକ୍ ଯୁବ ବିଜେଡି ସଭାପତି ରୂପେ ଭାଷା ଶତପଥୀ ଏବଂ ମ୍ୟୁନସିପାଲିଟିର ଛାତ୍ର ବିଜେଡି ସଭାପତି ଭାବେ କେ କିରଣ କୁମାରଙ୍କୁ ମନୋନୀତ କରାଯାଇଛି। ସେହିଭଳି ମ୍ୟୁନସିପାଲିଟିର ଯୁବ ବିଜେଡି ସଭାପତି ଭାବେ ରାମଚନ୍ଦ୍ର ପଣ୍ଡାଙ୍କୁ ମନୋନୀତ କରାଯାଇଛି। ଅପରପକ୍ଷରେ ପୂର୍ବତନ ନଗର ଯୁବ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ବାଉରୀଙ୍କୁ ଜିଲ୍ଲା ସମ୍ପାଦକ ରୂପେ ଚୟନ କରାଯାଇଛି। ଗୁଣପୁର ବ୍ଲକ୍ ଓ ମ୍ୟୁନସିପାଲିଟି ଅଞ୍ଚଳରେ ବିଜେଡି ସଂଗଠନକୁ ମଜବୁତ କରିବା ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ନୂତନ କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସେମାନେ ରାଜ୍ୟ ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ, ରାଜ୍ୟ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ସୁଧିର କୁମାର ଦାଶ, ଜିଲ୍ଲା ଯୁବ ବିଜେଡି ସଭାପତି ଦେବାଶିଷ ଖାଡ଼ଙ୍ଗା, ଜିଲ୍ଲା ଛାତ୍ର ବିଜେଡି ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା ଏବଂ କାଉନସିଲର ଦେବୀ ପ୍ରସାଦ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଗାର୍ଡିଙ୍ଗିଆ ପଞ୍ଚାୟତରେ ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନ ଅଭିଯାନ

**ଅନୁସନ୍ଧାନ ଭାରତ(ବ୍ୟୁର):** ଅନ୍ତରଙ୍ଗ ଯୁବ ମହାସଂଘର ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ଦ୍ୱାରା କନ୍ଧମାଳ ଜିଲ୍ଲାର ଟିକାବାଲି ବ୍ଲକ୍ ଅନ୍ତର୍ଗତ ଗାର୍ଡିଙ୍ଗିଆ ପଞ୍ଚାୟତର ମଣ୍ଡାଗୁଡ଼ା, ସାଲାଙ୍ଗିଆ ଓ ଗଣ୍ଡାନାୟୁରେ ଆଜି ବାଲ୍ୟ ବିବାହ ପ୍ରତିରୋଧ କରିବା ପାଇଁ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ୧୨ ଦିନିଆ ତଥା ଅକ୍ଟୋବର ୨୮ ତାରିଖ ଠାରୁ ଆରମ୍ଭ କରାଯାଇଛି ଏବଂ ସେପ୍ଟେମ୍ବର ୧୦ ତାରିଖରେ ଶେଷ ହେବ ବୋଲି ସୂଚନା ମିଳିଛି। ଚଳିତ ବର୍ଷ ଦଶହରା ଛୁଟିରେ କିଶୋରୀ ବାଳିକା ଓ କିଶୋର ବାଳକ, ପିତାମାତା ଓ ଅଭିଭାବକମାନଙ୍କୁ ବାଲ୍ୟ ବିବାହର କୁପରିଣାମ ବିଷୟରେ ଅବଗତ ଓ ବାଲ୍ୟ ବିବାହ ଆଇନ ବିଷୟରେ ସଚେତନତା କରାଯାଉଛି। ସମାଜରେ ପ୍ରଚଳିତ ଥିବା କୁପ୍ରଥାକୁ ଦୂର କରିବା ଏବଂ କନ୍ୟା ସନ୍ତାନ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟଗତ ଅଧିକାର, ଶାରୀରିକ ଓ ମାନସିକ ବିଷୟରେ ଆଲୋଚନା କରି ଗାଁରେ ପ୍ଲାକାର୍ଡ ଧରି ରାଲି କରାଯାଇଛି। ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ସଦସ୍ୟା ଓ ସଦସ୍ୟା, ଅଞ୍ଚଳର ମହିଳା, କିଶୋରୀ ବାଳିକା, ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀମାନେ ସାମିଲ ହୋଇଥିଲେ।

## ଗୁରୁକୁଳ ଇଣ୍ଟରନେସନାଲ ପବ୍ଲିକ ସ୍କୁଲରେ ଗାନ୍ଧି ଓ ଲାଲ ବହାଦୁର ଶାସ୍ତ୍ରୀ ଜନ୍ମ ଜୟନ୍ତୀ ପାଳିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ବ୍ରହ୍ମପୁର ମହାନଗରର ଲାଞ୍ଜିପଲ୍ଲୀ ଗୁଡ଼ସେଡ ରୋଡ ନିକଟସ୍ଥ ଗୁରୁକୁଳ ଇଣ୍ଟରନେସନାଲ ପବ୍ଲିକ ସ୍କୁଲରେ ଗାନ୍ଧି ଜୟନ୍ତୀ ଓ ଲାଲ ବହାଦୁର ଶାସ୍ତ୍ରୀ ଜନ୍ମ ଉତ୍ସବ ପାଳନ ଅବସରରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ପ୍ରଶାନ୍ତ ମହାପାତ୍ର ଏବଂ ସମ୍ପାଦିକା ଅନିତା କୁମାରୀ ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗାନ୍ଧିଜୀ ଏବଂ ଶାସ୍ତ୍ରିଜୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟର ସ୍କାଉଟ ଗାଇଡ୍, ଏନସିସି କେଡେଟ ଛାତ୍ରଛାତ୍ରୀମାନେ ଫ୍ଲାଗ କାର୍ଡ ଧରି ସ୍ଲୋଗାନ ଦେଇ ରାଲିରେ ଯାଇଥିଲେ। ସ୍କାଉଟ ଏବଂ ଏନସିସି କେଡେଟ ଛାତ୍ରଛାତ୍ରୀମାନେ ଗାଇଡ଼ ଶିକ୍ଷୟିତ୍ରୀ ମଧୁସ୍ମିତା ହୋତା ଏବଂ ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ପରିଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ନିକଟରେ ଥିବା ବ୍ରହ୍ମପୁର ରେଳଷ୍ଟେସନକୁ ଯାଇ ସଫା ସୁତୁରା କରିଥିଲେ। ବିଦ୍ୟାଳୟର ଅଧକ୍ଷା, ଉପାଧ୍ୟକ୍ଷା, ଏନସିସି ସ୍କାଉଟ ଗାଇଡ଼ କେଡେଟଙ୍କ ସହ ମିଶି ସଫା କରିଥିଲେ। ବିଦ୍ୟାଳୟର ଅନାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ଏହି ସ୍ୱଚ୍ଛ ଭାରତ ଅଭିଯାନରେ ଯୋଗ ଦେଇ କେଡେଟମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବ୍ରହ୍ମପୁର ସହର ନିକଟରେ ଥିବା ଏକ ଏନଜିଓ ଆରୋଗ୍ୟ ଗ୍ରାମକୁ ଯାଇ ସେଠାରେ ଥିବା ବୃଦ୍ଧ ଓ ବୃଦ୍ଧାମାନଙ୍କୁ ବିଦ୍ୟାଳୟର ସ୍କାଉଡ, ଏନସିସି କେଡେଟଙ୍କ ଦ୍ୱାରା ବିଦ୍ୟାଳୟ ତରଫରୁ କିଛି ଅର୍ଥ ଏନଜିଓ ପାଣ୍ଠିକୁ ଦାନ କରିଥିଲେ।

## ଗୁଡାରୀ ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ଓ ଜିଲ୍ଲା ପ୍ରଶାସନ କନ୍ଧମାଳ ତରଫରୁ ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ଖଜୁରୀପଡା ବ୍ଲକର ଗୁଡାରୀ ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ଓ ଜିଲ୍ଲା ପ୍ରଶାସନ କନ୍ଧମାଳ ତରଫରୁ ଗାନ୍ଧି ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକ ଯୋଗ ଦେଇ ଥିବା ବେଳେ ସନମାନୀତ ଅତିଥି ଭାବରେ ଗୁଡାରୀ ସରପଞ୍ଚ ସୁଜିତ ମଲ୍ଲିକ, ଧନୁତିର ପ୍ରଶିକ୍ଷକ ଆଶାରାମ ହସଦା, ଗୋବିନ୍ଦ ଚନ୍ଦ୍ର ବେହେରା, ବଦ୍ରୀ ନାଥ କହ୍ନର, କରିସୀମା ବେହେରା ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ସ୍ୱେଚ୍ଛା ସେବୀ ଚନ୍ଦ୍ରମଣୀ ଦେହୁରୀ, ସିବେନ୍ଦ୍ର ଡିଗାଲ, କମଳ ଲୋଚନ ଦେହୁରୀ, ମିନି କଂହର, ସୁଭଦ୍ରା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିବସ ଉପଲକ୍ଷେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇ ଥିଲା। ମୁଖ୍ୟ ଅତିଥି ଅନୁଷ୍ଠିତ ଦିବସର ମୁଖ୍ୟଲକ୍ଷ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ ଯୁବ ଭାଇ ଓ ଭଉଣୀମାନଙ୍କୁ ଅବଗତ କରିଥିଲେ। ବୈଠକରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ସ୍ୱେଚ୍ଛା ସେବୀ ଚନ୍ଦ୍ର ମଣି ଦେହୁରୀ ମୁଖ୍ୟ ଅତିଥି, ସନମାନୀତ ଅତିଥି ଓ ଉପସ୍ଥିତ ଯୁବ ଭାଇ ଓ ଭଉଣୀମାନଙ୍କୁ ସ୍ୱାଗତ କରିଥିବା ବେଳେ ଗୋବିନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ଗଜପତି ଜିଲ୍ଲାରେ ଶୁଭ ଆରମ୍ଭ ହେଲା ଜନ ସମ୍ପର୍କ ପଦ ଯାତ୍ରା

**ଅନୁସନ୍ଧାନ ଭାରତ(ବ୍ୟୁର):** ଗାନ୍ଧି ଜୟନ୍ତୀ ପାଳନ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଆଜି ଯେଉଁ ବିକାଶର ଧାରା ଜାରି ରହିଛି ଏବଂ ଆଗାମୀ ଦିନରେ ଯେଉଁ ସବୁ ଉନ୍ନତିମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ସେ ବିଷୟରେ ପ୍ରତ୍ୟେକ ରାଜ୍ୟବାସୀଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପଦଯାତ୍ରାର ଆୟୋଜନ ହୋଇଛି। ଏହି ପରିପ୍ରେକ୍ଷିରେ ଆଜି ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଗାନ୍ଧୀ ଛକ ଠାରୁ ଆରମ୍ଭ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାନ୍ୟବର ବ୍ରହ୍ମପୁର ସାଂସଦ ଶ୍ରୀ ଚନ୍ଦ୍ରଶେଖର ସାହୁ ଯୋଗଦେଇଥିବା ବେଳେ ବରିଷ୍ଠ ନେତା ତଥା ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ଡ଼.ତିରୁପତି ପାଣିଗ୍ରାହୀ, ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗବରା ତିରୁପତି ରାଓ, ବିଜେଡ଼ି ଯୁବନେତା ଇଂ ରୂପେଶ ପାଣିଗ୍ରାହୀ ଜିଲ୍ଲା ସଭାପତି ପ୍ରଦୀପ ନାୟକ, ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ, ସମସ୍ତ ବ୍ଲକ ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ପୌର ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏବଂ ବହୁ ଯୁବ ଛାତ୍ର ମହିଳା, ବ୍ଲକ ସଭାପତି ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗଦେଇ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିକାଶ ମୂଳକ କାର୍ଯ୍ୟର ବାର୍ତ୍ତା ଘରେ ଘରେ ପହଞ୍ଚାଇଥିଲେ।

## ଅଗ୍ନିବିର ସୈନ୍ୟବାହିନୀ ନିଯୁକ୍ତି ପାଇଁ ଟ୍ରେନିଂ ପାଉଥିବା ଯୁବକମାନଙ୍କୁ ହାଇଟେକ ଗ୍ରୁପ ତରଫରୁ ଜୋତା ଓ ଟି-ସାର୍ଟ ବଣ୍ଟନ

**ଅନୁସନ୍ଧାନ ଭାରତ(ବ୍ୟୁର):** ପାରଳାଖେମୁଣ୍ଡି ସ୍ଥିତ ବେତାଗୁଡା ପୁଲିସ ପଡିଆଠାରେ ଅଗ୍ନିପଥ ସୈନ୍ୟବାହିନୀ ନିଯୁକ୍ତି ପାଇଁ ଟ୍ରେନିଂ ପାଉଥିବା ଯୁବକମାନଙ୍କୁ ଆଜି ହାଇଟେକ ଗ୍ରୁପ ତରଫରୁ ଟି-ସାର୍ଟ ଓ ଜୋତା ବଣ୍ଟନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅଥିତି ଭାବେ ବରିଷ୍ଠ ବିଜେଡ଼ି ନେତା ତଥା ହାଇଟେକ ଗ୍ରୁପ ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ ଓ ଇଂ ରୂପେଶ ପାଣିଗ୍ରାହୀ, ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ଗବାରା ତିରୁପତି ରାଓ ଯୋଗ ଦେଇ ଜୋତା ଓ ଟି-ଶାର୍ଟ ବଣ୍ଟନ କରିଥିଲେ। ଏହି ସାମଗ୍ରୀ ବଣ୍ଟନ କରିବାର ମୁଖ୍ୟ ଉଦ୍ଦେଶ୍ୟ ଅଗ୍ନିବିର ସୈନ୍ୟବାହିନୀରେ ତାଲିମ ପାଉଥିବା ଯୁବକମାନଙ୍କୁ ଉତ୍ସାହିତ କରିବା ମୁଖ୍ୟ ଉଦେଶ୍ୟ ବୋଲି କହିଥିଲେ ଡଃ ପାଣିଗ୍ରାହୀ। ଯୁବକମାନେ ତାଲିମ ପରେ ଆଗାମୀ ଦିନରେ ଆର୍ମି, ନେଭି, ପୁଲିସି ଓ ବିଭିନ୍ନ ଫୋର୍ସ ରେ ନିଯୁକ୍ତି ପାଇପାରିବେ ଓ ଆମେ ସେମାନଙ୍କୁ ସହଯୋଗ କରିବୁ ବୋଲି ପ୍ରତିସୁତି ଦେଇଛନ୍ତି ଇଂଜିନିୟର ରୂପେଶ ପାଣିଗ୍ରାହୀ। ଏହି କାର୍ଯ୍ୟକ୍ରମ ଅବସରରେ, ବିଜେଡି ନେତା ମାରୁତ ପାଳ, ଜିଲ୍ଲା ପରିଷଦ ସଦସ୍ୟ ଏସ ବାଲରାଜୁ, ପାରଳାଖେମୁଣ୍ଡି ପୌରପରିଷଦ ସମସ୍ତ କାଉନ୍ସିଲୋର, ସମସ୍ତ ବ୍ଲକର ସରପଞ୍ଚ ଓ ସମିତି ଏବଂ ସମସ୍ତ ବ୍ଲକର ବିଜେଡ଼ି ନେତା ଓ କର୍ମୀମାନେ ଯୋଗଦେଇଥିଲେ ।

# ବାପା ମାଆଙ୍କ ମୃତ୍ୟୁ ପରେ ତିନି ଶିଶୁ ବେସାହାରା

**ଅନୁସନ୍ଧାନ ଭାରତ(ବ୍ୟୁର):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତ ମୁଖ୍ୟାଳୟରେ ରହୁଥିବା ଏକ ପରିବାରର ବାପା ମାଆଙ୍କ ମୃତ୍ୟୁ ପରେ ତାଙ୍କ ତିନୋଟି ସନ୍ତାନ ଅନାଥ ଓ ବେସାହାରା ହୋଇ ଯାଇଛନ୍ତି। ଘଟଣାନୁଯାଇ ୧୩ ବର୍ଷ ତଳେ ରତ୍ନମଣୀ ରଣା ଓ ରୁକ୍ମଣୀ ରଣା ବିବାହ ବନ୍ଧନରେ ବାନ୍ଧିହୋଇ ୫ ବର୍ଷ ମଧ୍ୟରେ ତିନୋଟି ସନ୍ତାନକୁ ନେଇ ବେଶ ଆରାମରେ ହସଖୁସିର ସଂସାର ଚଳାଉଥିଲେ। ତେବେ ପାଖାପାଖି ୭ ବର୍ଷ ତଳେ କୌଣସି ଅଜଣା ରୋଗର ଶିକାର ହୋଇ ରତ୍ନମଣୀଙ୍କ ମୃତ୍ୟୁ ହୋଇଥିଲା ଏଥିରେ ଭାଙ୍ଗି ନପଡି ସ୍ତ୍ରୀ ରୁକ୍ମଣୀ ତିନୋଟି ସନ୍ତାନକୁ ନେଇ ଯେମିତି ସେମିତି ପ୍ରତିପୋଷଣ କରି ପରିବାର ଚଳାଇ ନେଉଥିଲେ। କିନ୍ତୁ ଗତଦିନ ତଳେ ମଙ୍ଗଳବାର ଦିନ ହାର୍ଟ ଷ୍ଟୋକ ଯୋଗୁଁ ରୁକ୍ମଣୀଙ୍କ ମଧ୍ୟ ମୃତ୍ୟୁ ହୋଇଯାଇଛି। ଏବେ ତିନୋଟି ଶିଶୁ ଦୁଇ ଝିଅ ଓ ଗୋଟିଏ ପୁଅ ବଡଝିଅ ସୁରେଖା ରଣା ୧୨ ବର୍ଷ ସପ୍ତମ ଶ୍ରେଣୀ ମଝିଆ ଝିଅ ରିତା ରଣା ୮ ବର୍ଷ ତୃତୀୟ ଶ୍ରେଣୀ ଓ ସାନ ପୁଅ ପ୍ରଧାନୀ ରଣା ୭ ବର୍ଷ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଏମାନେ ବାପା ମାଆଙ୍କୁ ହରାଇ ଅନାଥ ଓ ବେସାହାରା ହୋଇ ଯାଇଛନ୍ତି। ଭାଗ୍ୟକୁ ରତ୍ନମଣୀଙ୍କ ଗୋଟିଏ ଭଉଣୀ ସୌଭାଗ୍ୟ ରଣା ୫୦ ଅଛନ୍ତି ଯାହାଙ୍କ ବିବାହ ବିଚ୍ଛେଦ ହୋଇ ସେ ନିଜ ଭାଇ ଘରେ ରହୁଥିଲେ ହେଲେ ସେ ମଧ୍ୟ ରୋଗୀଣା ସେ ନିଜେ ନିଜକୁ ସମ୍ଭାଳିବା ମୁସ୍କିଲ। ଏମିତିରେ ତିନୋଟି କୁନି କୁନି ଶିଶୁମାନଙ୍କ ଭାଗ୍ୟ ଏବେ ଅନ୍ଧକାର ହୋଇ ପଡିଛି। ସେମାନେ କୋଉଠାକୁ ଯିବେ, କଣ କରିବେ, କାହା ସହ ରହିବେ, କେମିତି ପାଠ ପଢିବେ, କିଏ ଦୁଇଓଳି ଖାଇବାକୁ ଦବ, କଣ କରିବେ କିଛି ବୁଝି ପାରୁନାହାନ୍ତି। ଖବରପାଇ ଅଲଣ୍ଡା ସରପଞ୍ଚଙ୍କ ପ୍ରତିନିଧି ଯୁବରାଜ ବାଗ ପହଞ୍ଚି ତାଙ୍କୁ ସାନ୍ତ୍ୱନା ଦେବାସହ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଦେବାସହ ଦଶାହ କାର୍ଯ୍ୟରେ ମଧ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇ ଆଗକୁ ତିନିଜଣ ଶିଶୁକୁ ତାଙ୍କର ଆଗାମୀ ଭବିଷ୍ୟତ ସୁଦୃଢ କରିବା ପାଇଁ କିପରି ଗୋଟିଏ ଜାଗାରେ ଥଇଥାନ କରାଯିବ ସେ ନେଇ ତାଙ୍କ ନିକଟ ସମ୍ପର୍କିୟ ଓ ପଡୋଶୀଙ୍କ ସହ ଆଲୋଚନା କରିଥିଲେ ଶ୍ରୀ ବାଗ। ପରେ ବଙ୍ଗୋମୁଣ୍ଡା ବ୍ଲକ ବିଡିଓ ରିପୁନାଥ ସୁନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଡିଓ ଶ୍ରୀ ସୁନା ଜିଲ୍ଲାରେ ଥିବା ଭଲ ଅନାଥାଶ୍ରମକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ବାଗ ସୂଚନା ଦେଇଛନ୍ତି।

# ଏନଏସଏସ ଦିବସ ପାଳିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ପିପୁଲସ କଲେଜରେ ସେପ୍ଟେମ୍ବର ୨୪ ତାରିଖ ଦିନ ରାଷ୍ଟ୍ରୀୟ ସେବା ଯୋଜନା ଦିବସ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଦିବସ ଉପଲକ୍ଷେ ଆୟୋଜିତ ସଭାରେ କଲେଜର ପ୍ରିନ୍ସପାଲ ପ୍ରଫେସର ରଜନୀକାନ୍ତ ଦାଶ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତି ରଜନୀକାନ୍ତ ଭଞ୍ଜ ଏବଂ ସମ୍ମାନୀତ ଅତିଥି ଭାବେ ଅଧାପକ ପ୍ରଭନ ମୁନି, ଡକ୍ଟର ଜୟରାମ ବିଷୋୟୀ, ହରିକୃଷ୍ଣ ନାୟକ, ଆତ୍ମା ପ୍ରକାଶ ନାୟକ, ଡାକ୍ତର ପ୍ରଦୀପ କୁମାର ଦାସ, ନରହରି ଚୌଧୁରୀ ଅତିଥିଭାବେ ଯୋଗଦେଇଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଅଧାପକ ରବୀନ୍ଦ୍ରନାଥ ପୋଲାଇ ଅତିଥି ପରିଚୟ ସହ ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ। ଅତିଥି ବୃନ୍ଦ ଜାତୀୟ ସେବା ଦିବସ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ସେବା ମନୋବୃତ୍ତି ଜାତୀୟ ଗର୍ବ ଓ ଗୌରବ ଆଣିଥାଏ ବୋଲି ମତ ପ୍ରକାଶ ପାଇଥିଲା। ଅଧାପକ ଆତ୍ମପ୍ରକାଶ ନାୟକଙ୍କ ସ୍ୱର ସଂଯୋଜନାରେ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଅଧାପକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦବିଲା ବଡ଼ବନ୍ଧ ଗାର୍ଡୱାଲ, ଫାଟିଲା ରାସ୍ତା

**ଅନୁସନ୍ଧାନ ଭାରତ(ବ୍ୟୁର):** ସରକାର ପଞ୍ଚାୟତକୁ ପଞ୍ଚାୟତ ସଂଯୋଗୀକରଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା ଓ ମୁଖ୍ୟମନ୍ତ୍ରୀ ଗ୍ରାମସଡକ ଯୋଜନା ଭଳି ଅନେକ ଯୋଜନା କରିଛନ୍ତି। ସେଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ନିମ୍ନମାନର କାମ ଯୋଗୁଁ କାମ ସରୁସରୁ ପୋଲ ଦବି ଯାଉଛି, ଗାର୍ଡୱାଲ ଭୁଶୁଡି ପଡୁଛି ରାସ୍ତା ଫାଟିଯାଉଛି। ସେଭଳି ଅଭିଯୋଗ ଆସିଛି ହିଞ୍ଜିଳିକାଟୁ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗର ଖରିଡା ଗ୍ରାମ ବଡବନ୍ଧ ଗାର୍ଡ ଭୁଶୁଡିବା ସହ ବନ୍ଧ ଠାରୁ ନୁଆଁସାହି ରାସ୍ତା କାମ ନିମ୍ନ ମାନର ଗତ ୨୦୨୧/୨୨ ମସିହାରେ ୧୬ ଲକ୍ଷରୁ ଟଙ୍କା ବ୍ୟୟବିନିମୟରେ ହିଞ୍ଜିଳିକାଟୁ ବ୍ଲକ ଖରିଡା ଗ୍ରାମର ବଡବନ୍ଧ ଗାର୍ଡ ୱାଲ ନିର୍ମାଣ କରାଯାଇଥିଲ। ବର୍ତ୍ତମାନ ବଡବନ୍ଧ ଠାରୁ ନୁଆଁସାହି ରାସ୍ତା ଚାଲିଥିବା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ରାସ୍ତାରେ ଏକ ପାର୍ଶ୍ୱ ଦବି ଯାଇଛି। ଚାଲିଥିବା କାର୍ଯ୍ୟର ସୂଚନା ଫଳକ ନାହିଁ। ଅନ୍ୟ ପକ୍ଷରେ ବିଭାଗୀୟ ଅଧିକାରୀ ତଦାରଖ କରୁନଥିବା ଓ ସାଇଡରେ କେହି ରହୁନଥିବା ସହ ନିମ୍ନ ମାନର କାର୍ଯ୍ୟ ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାମ ସରିବାର ୩ ମାସ ମଧରେ ବନ୍ଧ ଗାର୍ଡୱାଲ ଦବିବା ଓ କଙ୍କ୍ରିଟ ରାସ୍ତା ଫାଟିବା କାର୍ଯ୍ୟ ତଦାରଖ କରୁଥିବା ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ସମ୍ପର୍କେ ହିଞ୍ଜିଳିକାଟୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରେ ଫୋନକଲ ଉଠାଉ ନାହାନ୍ତି। ବିଭାଗୀୟ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀଙ୍କ ହିଞ୍ଜିଳିକାଟୁ କାର୍ଯ୍ୟାଳୟରେ ପାଦ ପଡୁନଥିବା ଅଭିଯୋଗ କରିବାକୁ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ନିମ୍ନମାନର କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣ ଦାବି କରିଛନ୍ତି। ନହେଲେ ଭାରି ଯାନ ଦୁର୍ଘଟଣା ଗ୍ରସ୍ତ ହୋଇ ଧନ ଜୀବନ ହାନୀ ଘଟିବା ସମ୍ଭାବନା ରହିଛି।

# ବିଞ୍ଝାପିତ ଅଞ୍ଚଳ ପରିଷଦର ବୈଠକ

**ଅନୁସନ୍ଧାନ ଭାରତ(ବ୍ୟୁର):** ଛତ୍ରପୁର ବିଞ୍ଝାପତି ଅଞ୍ଚଳ ପରିଷଦର ସାଧାରଣ ପରିଷଦ ବୈଠକ ଗୁରୁବାର ପୂର୍ବାହ୍ନରେ ଅଧକ୍ଷା ଶମିଷ୍ଠା ପ୍ରଧାନଙ୍କ ପୌରହିତ୍ୟରେ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଉପାଧକ୍ଷ ଜି.ପାପା ରାଓ, ଇଓ ଉମାକାନ୍ତ ନାୟକଙ୍କ ସମେତ ସମସ୍ତ କାଉନସିଲର ମାନେ ଉପସ୍ଥିତ ରହି ପରିଷଦର ସମସ୍ତ ୱାର୍ଡର ପରିମଳ ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ପରିମଳ ଅବ୍ୟବସ୍ଥା ସମ୍ପର୍କରେ ଅଧିକାଂଶ କାଉନସିଲର ମାନେ ବୈଠକରେ ଅଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର କିପରୀ ସୁବ୍ୟବସ୍ଥା ହେବ ସେଥ ନିମନ୍ତେ ପରିଷଦ ପକ୍ଷରୁ ଉଚିତ କାର୍ଯ୍ୟ କରିବାକୁ ଇଓଙ୍କ ମଧ କୁହାଯାଇଛି। ସାହି ସାହି ବୁଲି ମଇଳା ସଂଗ୍ରହ କରୁଥିବା ଗାଡି ଗୁଡିକ ପ୍ରତ୍ୟେକ ସାହିର ଦୁଇଟି ଛକ ସ୍ଥାନରେ ୫ମିନିଟ୍ ରହିଲେ ସାହି ବାସିନ୍ଦା ମାନେ ସେମାନଙ୍କ ମଇଳା ଗୁଡିକ ଦେବାବେଳେ ସୁବିଧା ହେବ ବୋଲି ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର ବୈଠକରେ ଦୃଷ୍ଟି ଆକର୍ଷଣ କରିବା ସହିତ ପରିମଳ କାର୍ଯ୍ୟର କିପରି ସୁଧାର ଆସିବ ସେଥି ନିମନ୍ତେ କାର୍ଯ୍ୟକରିବାକୁ ସେ କହିଥିଲେ। ସେହିପରି ୯ନଂ ୱାର୍ଡର ଜଣେ ନିହାତି ଗରୀବ ଶ୍ରେଣୀ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନା ସହାୟତା ରାଶି ପରିଷଦ ପକ୍ଷରୁ ପ୍ରଦାନ କରାଯାଇ ନଥିବା କାଉନସିଲର ପ୍ରିତିଛନ୍ଦା ସାମଲ ବିରକ୍ତି ପ୍ରକାଶ କରିଥିଲେ। ଏହାସହିତ ୱାର୍ଡର ବିଭିନ୍ନ ସାହିର ସଠିକ ଭାବେ ସଫା ସୁତରା କରାଯାଉ ନଥିବା ମଧ ସେ ବୈଠକରେ କହିଥିଲେ। ୧ନଂ ୱାର୍ଡ ଅନ୍ତର୍ଗତ ପଟ୍ଟନାୟକ କଲୋନୀରେ ବିନା ପ୍ଲାନିଂରେ ଡ୍ରେନେଜ କରାଯାଇଥିବାରୁ ଉପୁଜିଥିବା ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ନିମନ୍ତେ କାଉନସିଲର ଟି.ଗଣେଷ ରେଡ୍ଡୀ କହିଥିଲେ। ଏହା ସହିତ ପୂର୍ବରୁ ବିଭିନ୍ନ ୱାର୍ଡ ଗୁଡିକର ଉନ୍ନୟନ କାର୍ଯ୍ୟ ନିମନ୍ତେ କାଉନସିଲର ମାନେ ପ୍ରସ୍ତାବ ଦେଇଥିଲେ। ସେ ସମ୍ପର୍କରେ ମଧ ଏହି ବୈଠକରେ ଆଲୋଚନା ହୋଇଥିଲା। ଜିଲ୍ଲା ସଦର ମହକୁମା ଛତ୍ରପୁର ସହରରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯିବା ସହ ଏଥି ନିମନ୍ତେ ଏକ ପ୍ରସ୍ତାବ ଦିଆଯାଇଛି। ସେହିପରି ରିକାପଲ୍ଲୀ ସ୍ଥିତ କଲ୍ୟାଣୀ ମଣ୍ଡପର ସୁପରିଚାଳନା ନିମନ୍ତେ ପରିଷଦର ଆଗାମୀ ବୈଠକରେ ଚୁଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମଧ ଆଲୋଚନା ହୋଇଛି। ଏହା ସହିତ ଛତ୍ରପୁର ବିଞ୍ଝାପିତ ଅଞ୍ଚଳ ପରିଷଦର ସାମୂହିକ ବିକାଶ ନିମନ୍ତେ ସମସ୍ତ କାଉନସିଲର ମାନେ ବିଭିନ୍ନ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଉପାଧକ୍ଷା ଜି. ପାପା ରାଓଙ୍କ ପ୍ରସ୍ତାବ କ୍ରମେ ଛତ୍ରପୁରର ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## କଁଅଳ ବୟସରେ ବଞ୍ଚିବାର ବୋଝ

# ବାପା ମାଙ୍କୁ ହରାଇ ସଂଗ୍ରାମ କରୁଛି ଦୀପା

**ଅନୁସନ୍ଧାନ ଭାରତ(ବ୍ୟୁର):** ଗରିବ ଲୋକଙ୍କ ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା କରାଯାଉଥିବା ବେଳେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାରୀ ଯୋଜନାର ଲମ୍ବା ଚିଠା ରହିଛି। ଜଣେ ଗରିବ ଲୋକ କିମ୍ବା ପରିବାର ଅର୍ଥ ଅଭାବରୁ କୌଣସି ସମସ୍ୟା ନ ଭୋଗିବା ପାଇଁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଥିବା ବେଳେ କିଛି ସ୍ଥାନୀୟ ଅଧିକାରୀଙ୍କ ଅବହେଳା ହେଉ କିମ୍ବା ଯୋଜନା ଠାରୁ ବଞ୍ଚିତ ଥିବା ଲୋକେ ପ୍ରଶାସନ ନିକଟରେ ପହଞ୍ଚି ପାରୁ ନଥିବା କାରଣରୁ ସରକାରୀ ଯୋଜନା ବାଟବଣା ହେଉଥିବା ଦେଖିବାକୁ ମିଳିଛି। ଏଭଳି କିଛି ସମାନ ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଏମ୍ଭି ୧ ଗ୍ରାମରୁ। ମିଳିଥିବା ସୂଚନା ଅନୁଯାୟୀ ଦୀପକ ମଣ୍ଡଳ ଦୀର୍ଘ ବର୍ଷ ପୂର୍ବେ ନିଜ ଝିଅକୁ ନେଇ ସେହି ଗ୍ରାମକୁ ଆସିଥିଲେ। ତେବେ ସେ ଅତି ଗରିବ ଶ୍ରେଣୀର ହୋଇଥିବା ବେଳେ ମୁଣ୍ଡ ଗୁଞ୍ଜିବା ପାଇଁ ତାଙ୍କ ନିକଟରେ ଘର ଖଣ୍ଡିଏ ମଧ ନଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ସେ ମୁଣ୍ଡ ଗୁଞ୍ଜିବା ପାଇଁ ଝାଟି ମାଟିର ଘର ଖଣ୍ଡିଏରେ ରହିଥିଲେ। ତେବେ ଦୀପକଙ୍କ ଝିଅ ଛୋଟ ଥିବା ଅବସ୍ଥାରେହିଁ ତାଙ୍କ ସ୍ତ୍ରୀ ତାଙ୍କୁ ଛାଡି ଚାଲି ଯାଇଥିବା ବେଳେ ସେ ନିଜ କୁନି ଝିଅକୁ ଧରି ନାନା ସମସ୍ୟା ମଧରେ ଦିନ କାଟୁଥିଲେ। ସରକାରୀ ସହାୟତା ବାବଦରେ ସେ ସେଭଳି କୌଣସି ସୁବିଧା ପାଇ ନଥିବା ବେଳେ ଦିନ ମଜୁରିଆ ଭାବେ କାମ କରି ଝିଅକୁ ଛୋଟରୁ ବଡ କରିଥିବା ବେଳେ ବର୍ତ୍ତମାନ ଝିଅ ବଡ ହୋଇ +୨ ପ୍ରଥମ ବର୍ଷରେ ପାଠ ପଢୁଥିବା ବେଳେ ଘରର ବୋଝ ମୁଣ୍ଡାଉଥିବା ବାପା ଆରପାରିକୁ ଚାଲିଯିବା ପରେ ଭାଙ୍ଗି ପଡିଛି ଏକା ହୋଇଯାଇଥିବା ଝିଅ ଦୀପା। ବାପାଙ୍କ ମୃତ୍ୟୁରେ ସେ ଭାଙ୍ଗି ପଡିଥିବା ବେଳେ ତାଙ୍କର ଅନ୍ତିମ ସଂସ୍କାର କରିବା ପାଇଁ ମଧ ଦୀପା ସମର୍ଥ ନଥିବା ବେଳେ ହରିଶଚନ୍ଦ୍ର ଯୋଜନାରେ ତୁରନ୍ତ ମିଳିବା ପାଇଁ ଥିବା ସହାୟତା ମଧ ମିଳି ନଥିଲା। ତେବେ ଗ୍ରାମବାସୀଙ୍କ ସହଯୋଗରେ ଶେଷରେ ଦୀପକଙ୍କ ମର ଶରୀରର ଅନ୍ତିମ ସଂସ୍କାର ହୋଇଥିଲା। ଏପରି ସ୍ଥିତିରେ ଦୁଇ ଓଳି ଦୁଇ ମୁଠା ଖାଇବା ଯୋଗାଡ କରିବା ଦୀପାଙ୍କ ପାଇଁ କଷ୍ଟକର ହୋଇ ପଡିଥିବା ବେଳେ ସେ କିଭଳି ରୂପେ ପାଠ ପଢିବେ ଓ ବଞ୍ଚିବେ ତାହା ତାଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ ଦାଉ ସାଧୁଛି। ବର୍ତ୍ତମାନ ଗ୍ରାମବାସୀଙ୍କ ସାହାଯ୍ୟରେ ସେ ଚଳୁଥିବା ବେଳେ ପାଠ ପଢା ଠାରୁ ଆରମ୍ଭ କରି ନିଜର ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଦୀପାଙ୍କୁ ନାନା ଅସୁବିଧାର ସାମ୍ନା କରୁଥିବା ବେଳେ ସେ ବର୍ତ୍ତମାନ ସରକାରୀ ସହାୟତାକୁ ଅନାଇ ବସିଛନ୍ତି। ତେବେ ଏନେଇ ଗ୍ରାମ କମିଟିର ସଭାପତି ପରେଶ ବିଶ୍ୱାସଙ୍କ ସମେତ ସ୍ଥାନୀୟ ଲୋକେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୀପାଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ସହ ତାଙ୍କର ପାଠ ପଢା ପାଇଁ ମଧ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି। ହସି ଖେଳି ପାଠ ପଢା ବୟସରେ ମୁଣ୍ଡ ଉପରେ ନିଜ ପେଟକୁ ଦାନା ଯୋଗାଡ କରିବାର ଚିନ୍ତା ଓ ଆଗକୁ ପଢିବାର ଚିନ୍ତା ବର୍ତ୍ତମାନ ଦୀପାଙ୍କ ମୁହଁରୁ ହସ ଛଡାଇ ନେଇଥିବା ବେଳେ ପ୍ରଶାସନ ସମେତ ଉଦାର ବାନ ବ୍ୟକ୍ତି ତାଙ୍କୁ ସହାୟତା କଲେ ଦୀପାଙ୍କ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଖବର ପାଇବା ପରେ ମାଲକାନଗିରି ମା ଘର ସୁରକ୍ଷା ସେନାର ସଦସ୍ୟା ଓ ଆନ୍ତର୍ଜାତୀୟ ମାନବାଧିକାର କମିଶନର ସଦସ୍ୟ ପହଞ୍ଚି ସାହାଯ୍ୟ କରିବା ସହ ସରକାରୀ ସୁବିଧା ବାବଦରେ ସହାୟତା ଦାବିକରିବା ସହ ସରକାରଙ୍କୁ ଏ ବାବଦରେ ଅଗତ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏନେଇ ମାଲକାନଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ପ୍ରଧାନଙ୍କ ଧ୍ୟାନ ଆକର୍ଷଣ କରିବାରୁ ସେ ଘଟଣା ବିଷୟରେ ଅବଗତ ନଥିଲେ। ତେବେ ଏହି ଘଟଣାର ତଦନ୍ତ କରି ସେ ତୁରନ୍ତ ଏନେଇ ପଦକ୍ଷେପ ନେବା ସହ ହରିଶଚନ୍ଦ୍ର ଯୋଜନା ମାଧ୍ୟମରେ ସହାୟତା ଏବଂ ଦୀପାଙ୍କ ପଢା ଓ ଅନ୍ୟାନ୍ୟ ବ୍ୟବସ୍ଥା ଦିଗରେ ପଦକ୍ଷେପ ନେବେ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ହଳଦୀକୁଣ୍ଡ ଗାଁ ଗସ୍ତ କଲେ ଜିଲ୍ଲାପାଳ

**ଅନୁସନ୍ଧାନ ଭାରତ(ବ୍ୟୁର):** ମାଲକାନଗିରି ଜିଲ୍ଲା ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗ ବ୍ୟାପିବା ଘଟଣା ପରେ ବର୍ତ୍ତମାନ ସ୍ଥିତି ଏକ ପ୍ରକାର ନିୟନ୍ତ୍ରଣକୁ ଆସିଥିବା ବେଳେ ଜିଲ୍ଲାପାଳ ବିଶାଲ ସିଂ ହଳଦୀକୁଣ୍ଡ ଗ୍ରାମକୁ ଗସ୍ତ କରି ଲୋକଙ୍କ ସହ ମିଶି ସମୀକ୍ଷା କରିଥିଲେ। ରୋଗର କାରଣ ସମ୍ପର୍କରେ ପଚାରିବୁଝିବା ସହ ଗାଁରେ ଲୋକେ ପିଉଥିବା ପାଣିର ତଦାରଖ କରିଥିଲେ। ଗାଁରେ ଥିବା ନଳକୂପ ଯାଇ ଦେଖିବା ସହ କିପରି ପାଣି ବାହାରୁଛି ତାହ ମଧ ଦେଖିଥିଲେ। ଜିଲ୍ଲାପାଳ ଶ୍ରୀ ସିଂ ସ୍କୁଲକୁ ଯାଇ ପିଲାଙ୍କୁ ପାଠ ପଢା ତଦାରଖ କରିବା ସହ ପାଠ ପଢାଇଥିଲେ। କିପରି ପିଲାମାନେ ପ୍ରତିଦିନ ଶିକ୍ଷା ଗ୍ରହଣ କରିବେ ସେନେଇ ମଧ ସଚେତନ କରାଇଥିଲେ। ତେବେ ଗାଁ ଲୋକଙ୍କୁ ଭୟଭୀତ ନହୋଇ ସଂଯମ ହୋଇ ରହିବା ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗାଁରେ କେଉଁ କାରଣରୁ ଏହି ରୋଗ ବ୍ୟାପିଲା ସେନେଇ ମଧ ତଦାରଖ କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ଏବଂ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ଗସ୍ତ ପରେ ଗାଁ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକର ସାଲିମି ପଞ୍ଚାୟତର ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ୮ ଜଣଙ୍କର ମୃତ୍ୟୁ ହୋଇଥବା ବେଳେ ୧୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ତେବେ ଜିଲ୍ଲାପାଳଙ୍କ ଏହି ଗସ୍ତରେ ମାଥିଲି ବିଡିଓ ମଧ ଉପସ୍ଥିତି ଥିଲେ।

# ୧୦ ପଞ୍ଚାୟତରେ ମାସିକ ବୈଠକ

**ଅନୁସନ୍ଧାନ ଭାରତ(ବ୍ୟୁର):** ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ୧୦ ଗୋଟି ପଞ୍ଚାୟତକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱାଭିମାନ ଅଞ୍ଚଳର ଦଶଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକ ସଭାପତି, ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଏବଂ ବିଜୁ ଜନତା ଦଳର କର୍ମୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଭିନ୍ନ ପ୍ରକାର ଉନ୍ନୟନ କାମ ବିଷୟରେ ଆଲୋଚନା କରାଯାଇଥିଲା। ଏହା ସହିତ ଦଳ ଆଗକୁ କିଭଳି ଭାବରେ ମିଳିମିଶି କାମ କରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ସଭାକୁ ରାଲ୍ଲେଗଡା ସରପଞ୍ଚ କମଲୁ ହ୍ୱନ୍ତାଳ ଆୟୋଜନ କରିଥିଲେ। ଏଥିରେ ଜୋନ-୨ର ସମସ୍ତ ସରପଞ୍ଚ, ସମିତି ମେମ୍ବର, ଜୋନ ସଭାପତି ପ୍ରସାଦ ଅନୁପାଲ, ଉପସଭାପତି ରାମଚନ୍ଦ୍ର ଗଲେଲ, ବରିଷ୍ଠ କର୍ମୀ ପିତାମ୍ବର ଖେମୁଡୁ, ସରପଞ୍ଚ ସଭାପତି କମଲୁ ହ୍ୱନ୍ତାଳ, ଉପସଭାପତି ପିଙ୍କି ହ୍ୱନ୍ତାଳ ଏବଂ ଅନ୍ୟ ବରିଷ୍ଠ କର୍ମୀ ମଧ ଉପସ୍ଥିତ ଥିଲେ।





## ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

**ଅନୁସନ୍ଧାନ ଭାରତ(ବ୍ୟୁରୋ):** ଜିଲ୍ଲାପାଳଙ୍କ ସମ୍ମିଳନୀ ପ୍ରକୋଷ୍ଠରେ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ସମ୍ପର୍କିତ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ଟିଟିଲାଗଡ ଉପ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ କୁମାର ନାଏକ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ସମସ୍ୟା ହ୍ରାସ କରିବା ନିମନ୍ତେ ବିଭିନ୍ନ ବିଭାଗ ଜରିଆରେ କାର୍ଯକାରୀ ହେଉଥିବା ଶ୍ରମ ଭିତ୍ତିକ କାର୍ଯ୍ୟ, ଜୀବିକା ମିଶନ ଓ ମିଶନ ଶକ୍ତି ଜରିଆରେ ପର୍ଯ୍ୟାପ୍ତ ରୋଗଗାର ସୃଷ୍ଟି, ସାମାଜିକ ସୁରକ୍ଷା ସହାୟତା ଯୋଜନାକୁ ତ୍ୱରାନ୍ୱିତ କରି ସହାୟତା ଯୋଗାଇଦେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲା ଶ୍ରମ ବିଭାଗ ଜରିଆରେ ଶ୍ରମିକ ମାନଙ୍କ ନିମନ୍ତେ ଥିବା ସରକାରୀ ସହାୟତାକୁ ତ୍ୱରାନ୍ୱିତ କରି ତୁରନ୍ତ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ମାନଙ୍କ ନିମନ୍ତେ ଥିବା ଆଇନର ବିଭିନ୍ନ ପ୍ରବଧାନ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ନୀଳମାଧବ ଡ୍ରାଇଭର ସଙ୍ଘର ବୈଠକ

**ଅନୁସନ୍ଧାନ ଭାରତ(ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଞ୍ଚଳ ର ଡ୍ରାଇଭର ନୀଳମାଧବ ସଙ୍ଘ ତରଫରୁ ଦୋରା କଲ୍ୟାଣ ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅଥିତି ଭାବେ ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନିପତି ଓ ସନମାନୀୟ ଅଥିତି ଭାବେ ମୁନା ଦୋରା ଯୋଗ ଦେଇଥିଲେ। ଆଜି ସର୍ବ ପ୍ରଥମେ ଚାଳକ ଭାଇ ମାନଙ୍କ ଦ୍ୱାରା ବୋରିଗୁମ୍ମା ନୂଆ ବଷ୍ଟାଣ୍ଡ ଠାରୁ ଏକ ସଭାଯାତ୍ରା ବାହାରି ବ୍ଲକ ତହସିଲ କାର୍ଯ୍ୟାଳୟ ପରିକ୍ରମା କରି ଜାତୀୟ ରାଜପଥରେ ସମସ୍ତ ଗାଡ଼ି ଚାଳକ ମାନଙ୍କୁ ଟ୍ରାଫିକ ନିୟମ ତଥା ହେଲମେଣ୍ଟ ପିନ୍ଧିବା, ସିଟବେଲ୍ଟ ବାନ୍ଧିବା, ଅନ୍ୟାନ୍ୟ ବିଷୟରେ ସତର୍କ ସୂଚନା ଦେଇଥିଲେ। ଏଥିରେ ସଂଘର ସଭାପତି ଶ୍ରୀ ସୁନ୍ଦର ଅମାନାତ୍ୟ, ଉପ ସଭାପତି ମନୁ ମାଝୀ, ବୁଲୁ ଶତପଥ, ଜୟପୁର ଚାଳକ ସଙ୍ଘର ଅତିଥି ଭାବେ କୃଷ୍ଣ ଚନ୍ଦ୍ର ପଣ୍ଡା, ବୋରିଗୁମ୍ମା ରୁ ନାନୁ ଦଳାଇ, ଚନ୍ଦ୍ର ହରିଜନ, ଏସ ମନ୍ନଦ, ବାବୁଲି ଦାସ, ପ୍ରଦୀପ ଚୌଧୁରୀ, ଆକୁଳି ପ୍ରଧାନ ସହ ବହୁସଂଖ୍ୟାରେ ଚାଳକ ଭାଇ ମାନେ ବହୁସଂଖ୍ୟାରେ ଚାଳକ ଦିବସ ରେ ଯୋଗ ଦେଇଥିଲେ।

## ତାଇୱାନରେ ଦ୍ୱିତୀୟ ଭୂକମ୍ପ

**ଅନୁସନ୍ଧାନ ଭାରତ(ବ୍ୟୁରୋ):**ତାଇୱାନରେ ଶନିବାର ପରେ ରବିବାର ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଛି। ରବିବାର ଦିନ ୭.୨ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ଘଟିଛି ଯାହା ସରକାରଙ୍କ ଲାଗି ଚିନ୍ତାର କାରଣ ପାଲଟିଛି। ୨୪ ଘଣ୍ଟା ମଧ୍ୟରେ ଏହା ଦ୍ୱିତୀୟ ଭୂକମ୍ପ। ଏହାପୂର୍ବରୁ ଶନିବାର ଦିନ ତାଇୱାନରେ ୬.୪ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ହୋଇଥିଲା। ଶନିବାର ରାତିରେ ତାଇୱାନର ପୂର୍ବ ଉପକୂଳରେ ୬.୬ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ହୋଇଥିଲା। ଏହି ଭୂକମ୍ପ ଯୋଗୁଁ ଧନଜୀବନ ହାନୀର କୌଣସି ସୂଚନା ନାହିଁ। ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ଅନୁଯାୟୀ ଉତ୍ତର ଉପକୂଳବର୍ତ୍ତୀ ସହର ତେଙ୍ଗୁଙ୍ଗ ଠାରୁ ପ୍ରାୟ ୫୦ କିଲୋମିଟର ଦୂରରେ ପୂର୍ବାହ୍ନ ସାଢେ ୯ଟାରେ ଏହି ଭୂକମ୍ପ ହୋଇଥିଲା। ଏହାର କେନ୍ଦ୍ର ୧୦ କିଲୋମିଟର ଗଭୀରରେ ଥିଲା। ଭୂକମ୍ପ ବିଷୟରେ ସୂଚନା ପାଇବା ମାତ୍ରେ ଟିମ୍ ରିଲିଫ କାର୍ଯ୍ୟରେ ନିୟୋଜିତ ହୋଇଯାଇଥିଲେ। ତାଇୱାନ ପାଇଁ ଭୂକମ୍ପ ନୂଆ କଥା ନୁହେଁ। ଏଠାରେ ପ୍ରାୟ ସମୟ ଭୂମିକମ୍ପ ହୋଇଥାଏ। ଲଗାତାର ଦୁଇଟି ଦୁଇଟି ଭୂକମ୍ପ ଯୋଗୁଁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଭୂମିକମ୍ପର ଉତ୍ପତ୍ତି ସ୍ଥଳ ସମୁଦ୍ରରେ ଥିବା ଯୋଗୁ ସୁନାମୀ ଭୟ ମଧ୍ୟ ରହିଛି। ତେବେ ସୁନାମୀ ପାଇଁ ଏପର୍ଯ୍ୟନ୍ତ ସତର୍କତା ଜାରି ହୋଇ ନାହିଁ।

## ସମ୍ବଲପୁର ରେଳ ମଣ୍ଡଳରେ 'ସ୍ୱଚ୍ଛ ରେଳ ସ୍ୱଚ୍ଛ ଭାରତ'

**ଅନୁସନ୍ଧାନ ଭାରତ(ବ୍ୟୁରୋ):** ସମ୍ବଲପୁର ରେଳ ମଣ୍ଡଳରେ 'ସ୍ୱଚ୍ଛ ରେଳ ସ୍ୱଚ୍ଛ ଭାରତ' ସ୍ୱଚ୍ଛତା ପକ୍ଷ ୧୬ ରୁ ୩୦ ସେପ୍ଟେମ୍ବର ମଧ୍ୟରେ ଆୟୋଜନ କରାଯାଉଛି। ଏ ଅବସରରେ ସ୍ୱଚ୍ଛତା ପାକ୍ଷିକର ବିଭିନ୍ନ ଦିବସରେ ସ୍ୱଚ୍ଛ ସଚେତନତା, ସ୍ୱଚ୍ଛ ସମ୍ବାଦ, ସ୍ୱଚ୍ଛ ଷ୍ଟେସନ, ସ୍ୱଚ୍ଛ ପ୍ରସାଧନ, ସ୍ୱଚ୍ଛ ନୀର, ସ୍ୱଚ୍ଛ ପ୍ରତିଯୋଗିତାର ଆୟୋଜନ କରାଯିବ। ସ୍ୱଚ୍ଛତା ଦିବସ ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯାଳୟ ପରିସରରେ ରେଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱଚ୍ଛତାର ଶପଥ ଗ୍ରହଣ କରାଇଥିଲେ।

# ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ପାଳିତ

**ଅନୁସନ୍ଧାନ ଭାରତ(ବ୍ୟୁରୋ):** ସର୍ବବୃହତ ଉପକୂଳ ସ୍ୱଚ୍ଛତା ଅଭିଯାନ ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସକୁ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର ବିଷୟବସ୍ତୁ ଅନୁସାରେ ପାଳନ କରିବା ଲାଗି ଭାରତୀୟ ତଟରକ୍ଷୀ ଷ୍ଟେସନ ଗୋପାଳପୁର ସହଯୋଗର ହାତ ବଢାଇଛ ଗୋପାଳପୁର ବନ୍ଦର ଲିମିଟେଡ୍ (ଜିପିଏଲ୍)। ପ୍ରାୟ ଦୁଇ କିମି ବ୍ୟାପୀ ବଟେଶ୍ୱର ବେଳାଭୂମିରେ ଆୟୋଜନ କରାଯାଇଥିବା ସ୍ୱଚ୍ଛତା ଅଭିଯାନରେ ସୁବାଷ ଚନ୍ଦ୍ର ବେହେରା, ବିଧାୟକ ଛତ୍ରପୁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବନ୍ଦରର ବହୁ ବରିଷ୍ଠ ଅଧିକାରୀ ଉପକୂଳ ତଟରକ୍ଷୀ ସେନା ସାଧାରଣ ନାଗରିକ ଓ ସ୍ୱେଚ୍ଛାସେବୀଙ୍କ ସମେତ ୪୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଛନ୍ତି। ଏହି ସ୍ୱଚ୍ଛତା ଅଭିଯାନର ଲକ୍ଷ୍ୟ ହେଉଛି ବେଳାଭୂମିକୁ ସ୍ୱଚ୍ଛ ରଖିବା ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପରିବେଶକୁ ସୁରକ୍ଷା ପ୍ରଦାନ କରିବା ଏବଂ ବେଳାଭୂମିକୁ ସମ୍ମାନ ଜଣାଇବାର ଅଭ୍ୟାସ ଜାଗ୍ରତ କରିବା ଯାହା ପ୍ରତିବଳଦରେ ସାମୁଦ୍ରିକ ଜୈବ ବିବିଧତାକୁ ସମୃଦ୍ଧ କରିବ। ଅନ୍ତର୍ଜାତୀୟ ବେଳାଭୂମି ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରି ଗୋପାଳପୁର ବନ୍ଦର ଲିମିଟେଡ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭିଜେ ରାଓ କହିଛନ୍ତି ଯେ, ଆମର ସମୁଦ୍ର ଓ ଆମର ବେଳାଭୂମିକୁ ସୁରକ୍ଷା ପାଇଁ ସରଳ ମନ୍ତ୍ର ହେଉଛି ବର୍ଜ୍ୟ ବିଶେଷ କରି ପ୍ଲାଷ୍ଟିକ୍ ବର୍ଜ୍ୟକୁ ହ୍ରାସ ପୁନଃ ବ୍ୟବହାର ଓ ରିସାଇକଲ୍ କରିବା। ଆମର ଉପକୂଳ ଓ ବେଳାଭୂମିର ସୁରକ୍ଷା ପାଇଁ ଗୋପାଳପୁର ବନ୍ଦର ଅନେକ ପଦକ୍ଷେପ ଗ୍ରହଣ କରୁଛି। ନିରନ୍ତର ବିକାଶର ସର୍ବୋଚ୍ଚ ମାନକ ପାଇଁ ଆମେ ପ୍ରତିବଦ୍ଧ ରହିଛୁ। ଉପକୂଳର ସୁରକ୍ଷା ପାଇଁ ଆମର ପ୍ରତିବଦ୍ଧତାକୁ ଆମେ ତ୍ୱରାନ୍ୱିତ କରିବୁ। ଅନାବଶ୍ୟକ ଭାବେ ଜିନିଷକୁ ବନ୍ଦ କରିବା ଲାଗି ଅନୁପ୍ରାଣିତ ହୋଇ ଶତାଧିକ ଲୋକ ସ୍ୱେଚ୍ଛାକୃତ ଭାବେ ସାମିଲ ହେବା ଓ ସ୍ୱଚ୍ଛତା ଅଭିଯାନ ପ୍ରତି ସହାୟତା ପ୍ରଦାନ କରୁଥିବା ଦେଖିବା ବେଶ ଆମୋଦ ଦାୟକ ଥିଲା ବୋଲି ଗୋପାଳପୁର ବନ୍ଦରର ଭିପିଅଜୟ କୁମାର ମିଶ୍ର କହିଛନ୍ତି। ଏହି ସ୍ୱଚ୍ଛତା ଅଭିଯାନରେ ପ୍ରାୟ ୧୦୦ କେଜି ପ୍ଲାଷ୍ଟିକ ସଂଗ୍ରହ କରାଯାଇଥିଲା। ଉପକୂଳ ସ୍ୱଚ୍ଛତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୭ ତାରିଖରେ ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ପାଳନ କରାଯାଉଛି। ବର୍ଜ୍ୟର ଉତ୍ସକୁ ଚିହ୍ନଟ କରିବା ସହ ପ୍ରଦୂଷଣର କାରଣ ପ୍ରତି ବ୍ୟବହାରରେ ପରିବର୍ତ୍ତନ ଆଣିବା ଏବଂ ସାମୁଦ୍ରିକ ବର୍ଜ୍ୟ ସମସ୍ୟାକୁ ନେଇ ସଚେତନତା ସୃଷ୍ଟି କରିବା ଲାଗି ବେଳାଭୂମି, ଜଳପଥ ଓ ଅନ୍ୟାନ୍ୟ ଜଳ ଭଣ୍ଡାରରୁ ବର୍ଜ୍ୟ ଓ ଆବର୍ଜନା ହଟାଇବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ମାସର ତୃତୀୟ ଶନିବାର ଅନ୍ତର୍ଜାତୀୟ ବେଳାଭୂମି ଗୋଷ୍ଠୀ ସାରା ବିଶ୍ୱର ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି।

## ସହରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ: ନାଗରିକ କମିଟି

**ଅନୁସନ୍ଧାନ ଭାରତ (ବ୍ୟୁରୋ):** ପ୍ରଶାସନ ଓ ପୁଲିସର ଅବହେଳା ଯୋଗୁଁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ବୋଲି ନାଗରିକ କମିଟି ତରଫରୁ ଘୋର୍ ଉଦବେଗ ପ୍ରକାଶ ପାଇଛି। ସହରରେ ଦିନ ଦ୍ୱିପହରରେ ମଧ୍ୟ ଚୋରି ଓ ମାରପିଟ୍ ପରି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏପରିକି ଚୋର ମାନେ ଦେବାଳୟକୁ ମଧ୍ୟ ଛାଡି ନାହାନ୍ତି। ମାସକ ମଧ୍ୟରେ ସହରର ରାଜୀବ ନଗର ସ୍ଥିତ ଶିଦ୍ଧେଶ୍ୱର ଓ ଶାନ୍ତିପଡା ସ୍ଥିତ ଚନ୍ଦ୍ର ଶେଖର ମହାଦେବ ମନ୍ଦିର ମଧ୍ୟରୁ ବଡଧରଣର ଚୋରି ହୋଇଯାଇଛି। ସହରରେ ନିଶା କାରବାର ମଧ୍ୟ ବୃଦ୍ଧି ପାଉଛି। ରୋଡ ରୋମିଓ ଓ ଅସାମାଜିକ ବ୍ୟକ୍ତି ମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ତୀବ୍ର ଗତିରେ ଚଳାଉଥିବା ବାଇକ୍‌କୁ ମଧ୍ୟ ପୁଲିସ ଧରିବାରେ ବିଫଳ ହେଉଛି। ରାସ୍ତା ଅବରୋଧ କରି ଟ୍ରାଫିକ ସମସ୍ୟା ସାଧାରଣ ସମସ୍ୟା ରୂପେ ପରିଣତ ହୋଇଗଲାଣି। ଫଳରେ ଯାତାୟତ କରିବାରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ଥିବା କେତେକ ଡିଭାଇଡର ସ୍ଥାନରେ ରମ୍ବଲରର୍ସର ମଧ୍ୟ ବ୍ୟବହାର କରୁ ନାହାନ୍ତି। ତେଣୁ ରାସ୍ତା ବୁଲି କରି ଅତିକ୍ରମ କରିବାରେ ମଧ୍ୟ ଅସୁବିଧା ହେଉଛି। ପୁଲିସ ପେଟ୍ରୋଲିଂ ମଧ୍ୟ କଡାକଡି ହୋଇ ପାରୁ ନାହିଁ। ଏବେ ଠାରୁ ସଜାଗ୍ ନ ହେଲେ ଆଗକୁ ପାର୍ବଣ ଓ ନବରାତ୍ର ପୂଜା ଯୋଗୁଁ ଜନସମାବେଶ ରେ ଘୋର ବିଶୃଙ୍ଖଳା ହୋଇ ଜନସାଧାରଣ ଅସୁବିଧା ସମ୍ମୁଖୀନ ହେବାର ସମ୍ଭାବନା ରହିଛି ବୋଲି ବଲାଙ୍ଗୀର ନାଗରିକ କମିଟିର ସଭାପତି ବେଲାରସିଂ ଭୋଇ ଓ ସାଧାରଣ ସଂପାଦକ ମନୋରଞ୍ଜନ ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## ଆଇନ ସଚେତନତା ଶିବିର

**ଅନୁସନ୍ଧାନ ଭାରତ (ବ୍ୟୁରୋ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଘାଟଗୁଡା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ଥିବା ବିଭିନ୍ନ ଜନହିତକାରୀ ସରକାରୀ ଯୋଜନା ସ୍ଥାଇ ଲୋକ ଅଦାଲତ ଓ ସାର୍ବଜନୀକ ଉପୋଯୋଗୀତା ସେବା ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠୀତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସଞ୍ଜିବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାଇ ଲୋକ ଅଦାଲତ ଓ ସାର୍ବଜନୀକ ଉପୋଯୋଗୀତା ସେବା ଉପରେ ଲୋକମାନଙ୍କୁ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଯୋଗେଶ୍ୱର ଭୋଇ, ତହସିଲଦାର, ପାପଡାହାଣ୍ଡି, ଆଦିତ୍ୟ ସେନ, ଉପଖଣ୍ଡସ୍ତରୀୟ ଆରକ୍ଷି ଅଧିକାରୀ, ପାପଡାହାଣ୍ଡି, ଆଇନଜୀବୀ ରାଜକିଶୋର ନାଗ ଓ ମୀନାକ୍ଷୀ ପାଢୀ, ସାମାଜିକ କର୍ମୀ ମନୋରମା ମାଝି, ରବୀନ୍ଦ୍ର ପ୍ରଧାନ, ଚାଇଲ୍ଡ ଲାଇନ ସଦସ୍ୟ, ପୁର୍ଣ୍ଣିମା ଭତରା, ସରପଞ୍ଚ, ଘାଟଗୁଡା ଗ୍ରାମ ପଞ୍ଚାୟତ, ସୁଶାନ୍ତ କୁମାର ବେହେରା, ଉପସଭାପତି, ପାପଡାହାଣ୍ଡି ଓ ରାଜ କିଶୋର ରାଓ, ପାରା ଲିଗାଲ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅଧିକାରୀ ମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଜନହିତକାରୀ ଯୋଜନାକୁ ନେଇ ଆଲୋକପାତ କରିଥିଲେ।

# ଆନ୍ଦୋଳନ ପାଇଁ କୃଷକ ମହାସଂଘର ବୈଠକ

**ଅନୁସନ୍ଧାନ ଭାରତ (ବ୍ୟୁରୋ):** ଶାନ୍ତିପଡା କଲ୍ୟାଣ ମଣ୍ଡପରେ ଜିଲ୍ଲା କୃଷକ ମହାସଂଘର ଜିଲ୍ଲାସ୍ତରୀୟ ବିଭିନ୍ନ କୃଷି ସମସ୍ୟା ଓ ଚାଷୀ ଆନ୍ଦୋଳନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ୨୦୨୧ରେ ଜିଲ୍ଲାରେ ଭୟାବହ ମରୁଡି ହୋଇଥିଲା। ଜିଲ୍ଲାରେ ୩୧୭ ପଞ୍ଚାୟତରେ ହଜାର ହଜାର ଚାଷୀ ଏଆଇସି କମ୍ପାନୀରେ କୃଷିବୀମା କରିଥିଲେ କିନ୍ତୁ ବର୍ତ୍ତମାନ ୨୦୨୨ ଖରିଫ ଶେଷ ହୋଇଥିବା ବେଳକୁ ମଧ୍ୟ ଅଦ୍ୟାବଧି ଯୋଗ୍ୟ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଭାବେ କୃଷିବୀମା ରାଶି ଦିଆଯାଇ ନାହିଁ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୮୫ ଗୋଟି ପଞ୍ଚାୟତକୁ କମ୍ପାନୀ ତରଫରୁ ଆପତ୍ତି ଦର୍ଶାଇ ବୀମା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏହି କୃଷି ବୀମାକୁ ନେଇ ମହାସଂଘ ତରଫରୁ ୦୮.୦୬.୨୦୨୨ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିବା ସ୍ଥଳେ ଓ ତତ୍ ସଙ୍ଗେ ରାଜ୍ୟ ସ୍ତରୀୟମନ୍ତ୍ରୀ କୃଷି ନିର୍ଦ୍ଦେଶକ ମାନଙ୍କୁ ମଧ୍ୟ ଦାବି ପତ୍ର ଦିଆଯାଇଥିଲା। ତତ୍ ସତ୍ତ୍ୱେ ବୀମା ରାଶି ନ ମିଳିବାରୁ ଭୁବନେଶ୍ୱର ସ୍ଥିତ ଗତ ତା.୨୬.୦୮.୨୦୨୨ରେ ଏଆଇସି ଆର.ଏମ୍ ଅଫିସକୁ ମହାସଂଘର ଶତାଧିକ ଚାଷୀ ଘୋରାଓ ବିକ୍ଷୋଭ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ। ଯାହା ଦ୍ୱାରା ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପୂର୍ଣ୍ଣ ବୀମାରାଶି ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଚରମସୀମାକୁ ନେବା ପାଇଁ ବୈଠକରେ ଚରମ ନିଷ୍ପତ୍ତି ନିଆଗଲା। ଅପର ପକ୍ଷରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଅବହେଳା କରି ଚାଲିଥିବାରୁ ଯଥା ୨୦୨୧ରେ ଜିଲ୍ଲାକୁ ଏ ପର୍ଯ୍ୟନ୍ତ ମରୁଡି ଘୋଷଣା କରାଯାଇ ନାହିଁ ତେଣୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯାଉ, ସାର କମ୍ପାନୀ ଓ ହୋଲସାଲେର ମାନଙ୍କ ପ୍ରୀୟାପ୍ରୀତି ଯୋଗୁଁ ମନମୁଖୀ କଳାବଜାରି ବନ୍ଦ କରାଯାଉ, ଜିଲ୍ଲାରେ ଜଳସେଚନର ବ୍ୟାପକ ଅବହେଳା, ଜିଲ୍ଲାରେ ଧାନ ପଞ୍ଜିକରଣ ବ୍ୟବସ୍ଥାରେ ମାଲମାମୁଲି ଓ ଧାନ ହେଉଥିବା ଆଟରେ ପଞ୍ଜିକରଣରେ ସାମିଲ କରାଯାଉ, ବିଜୟାନନ୍ଦ ଚିନି କଳକୁ କାର୍ଯ୍ୟକ୍ଷମ କରାଯାଉ, ବଲାଙ୍ଗିର ଜିଲ୍ଲାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ କରାଯାଉ, ଏକର ପ୍ରତି ଧାନ କିଣା ବିକାରେ ୧୩ କ୍ୱିଣ୍ଟାଲ ବଦଳରେ ୨୨ କ୍ୱିଣ୍ଟାଲ କରାଯାଉ। ଏହି ସଭାରେ ସଂଘର ସଭାପତି ଯତି ପଧାନ ଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇଥିଲା। ଉପ-ସଭାପତି ସୌମେନ୍ଦ୍ର ପରିଚ୍ଛା, ସହ-ସଂପାଦକ ବିଶ୍ୱଜିତ ନାଥ, ପ୍ରାଣକୃଷ୍ଣ ସାହୁ, ସଂଯୋଜକ ମଧୁ ସୁଦନ କ୍ଷେତି, ବ୍ଲକ ସଭାପତି ଯୋଗେଶ୍ୱର ଜେନା, କନ୍ଦର୍ପ ଦନ୍ତା, କୃଷ୍ଣଚନ୍ଦ୍ର ବନଛୋର, ଇନ୍ଦ୍ରମଣି ସାହୁ, ମଦନ ମୋହନ କୁମ୍ଭାର, କୈଳାସ ପଧାନ, କ୍ଷମାନିଧି ଦଳପତି, କୃଷ୍ଣଚନ୍ଦ୍ର ନାଏକ ଓ ଅନ୍ୟାନ୍ୟ ଚାଷୀ ବୃନ୍ଦ ଚକ୍ରଧର ହେର୍ଣ୍ଣା, ଭରତ ଧରୁଆ, ଗୋପବନ୍ଧୁ ସାହୁ, ଅଭିଳାଶ ଭୋଇ, ମୋହନ ବଗର୍ତ୍ତି, ମିଳାପ ସାହୁ, ଦିନେଶ ସାହୁ, ଶୋଭାକର ସାହୁ,ସ୍ୱସ୍ୱସ୍ୱ ସୁମନ୍ତ ମେହେର, ଯୁଗଲାଲ ସାହୁ, ନିରଞ୍ଜନ ପଧାନ, ମଧୁ ସାହୁ, କନ୍ଦର୍ପ ସୁଆର, ରବି ସାହୁ ଇତ୍ୟାଦି ବହୁ ଚାଷୀ ଜିଲ୍ଲାରୁ ୫୦୦ ଚାଷୀ ଉପସ୍ଥିତ ଥିଲେ।

ଅନୁସନ୍ଧାନ ଭାରତ

ଖେଳ ଖବର



୧୦.୧୦.୨୦୨୨-୧୬.୧୦.୨୦୨୨

# ପ୍ରଥମ ଭାରତୀୟ ମହିଳା ଭାବେ ହରମନପ୍ରୀତ ଜିତିଲେ ଆଇସିସି ସମ୍ମାନ



ନୂଆଦିଲ୍ଲୀ: ରେକର୍ଡ କରିଛନ୍ତି ଭାରତୀୟ ମହିଳା ଦଳର ଅଧିନାୟକ ହରମନପ୍ରୀତ କୌର। ସେ ପ୍ରଥମ ଭାରତୀୟ ମହିଳା ଭାବେ ଆଇସିସି ପ୍ଲେୟାର ଅଫ ଦି ମନ୍ଥ ବା ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି। ସେପ୍ଟେମ୍ବର ମାସ ପାଇଁ ହରମନପ୍ରୀତ ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି। ସେହିପରି ସେପ୍ଟେମ୍ବର ମାସରେ ପୁରୁଷ ବର୍ଗର ଆଇସିସି ସମ୍ମାନ ପାକିସ୍ତାନର ୱିକେଟ କିପର ମହମ୍ମଦ ରିଜୱାନ ଜିତିଛନ୍ତି। ଭାରତୀୟ ମହିଳା ଦଳର ଅଧିନାୟକ ହରମନପ୍ରୀତ ଇଂଲଣ୍ଡ ବିପକ୍ଷ ଦିନିକିଆରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ସେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିବା ସହ ଭାରତ ମଧ ଇଂଲଣ୍ଡ ମାଟିରେ ଦିନିକିଆ ସିରିଜ ଜିତିଥିଲା। ଏହି ଇନିଂସ ପାଇଁ ତାଙ୍କୁ ଆଇସିସି ପକ୍ଷରୁ ସେପ୍ଟେମ୍ବର ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ଏହି ପୁରସ୍କାର ଦୌଡ଼ରେ ସ୍ମୃତି ମନ୍ଧାନା ଓ ବାଂଲାଦେଶ ମହିଳା ଦଳର ଅଧିନାୟକ ନିଗର ସୁଲତାନା ମଧ୍ୟ ରହିଥିଲେ। ହେଲେ ଦୁଇ ଖେଳାଳିଙ୍କୁ ପଛରେ ପକାଇ ହରମନପ୍ରୀତ ବାଜି ମାରି ନେଇଛନ୍ତି। ପୁରସ୍କାର ଜିତିବା ପରେ ହରମନପ୍ରୀତ କୌର କହିଛନ୍ତି, "ଆଇସିସି ସମ୍ମାନ ପାଇବା ପାଇଁ ମନୋନୀତ ହେବା ଓ ଏହାକୁ ଜିତିବା ଅତ୍ୟନ୍ତ ସ୍ମରଣୀୟ। ସ୍ମୃତି ଓ ନିଗରଙ୍କ ସହ ପୁରସ୍କାର ପାଇଁ ମନୋନୀତ ହେବା ନିଶ୍ଚିୟ ସମ୍ମାନର ବିଷୟ। ମୋ ଦେଶକୁ ପ୍ରତିନିଧିତ୍ୱ କରିବା ସବୁବେଳେ ମୋ ପାଇଁ ଗର୍ବର ବିଷୟ। ସେହିପରି ଇଂଲଣ୍ଡରେ ଐତିହାସିକ ଦିନିକିଆ ସିରିଜ୍? ଜିତିବା ସବୁଦିନ ପାଇଁ ମୋ କ୍ୟାରିୟ?ରେ ସ୍ମରଣୀୟ ହୋଇ ରହିବ।" ସେପ୍ଟେମ୍ବର ମାସରେ ହରମନପ୍ରୀତ କେବଳ ଭଲ ବ୍ୟାଟିଂ କରି ନଥିଲେ ବରଂ ତାଙ୍କ କ୍ୟାପଟେନ୍ସିରେ ଭାରତ ୩-୦ରେ ଇଂଲଣ୍ଡକୁ ଦିନିକିଆ ସିରିଜ୍ ?ରେ ମଧ ହରାଇଥିଲା। ୧୯୯୯ ପରେ ଭାରତୀୟ ମହିଳା ଦଳ ପ୍ରଥମଥର ପାଇଁ ଇଂଲଣ୍ଡରେ ସିରିଜ୍? ଜିତିବାର ରେକର୍ଡ କରିଥିଲା। ଏହି ସିରିଜ୍ ?ର ପ୍ରଥମ ମ୍ୟାଚ୍ ?ରେ ହରମନପ୍ରୀତ ଅପରାଜିତ ୭୪ ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ?ରେ ସେ ଅପରାଜିତ ୧୧୧ ବଲରେ ୧୪୩ ରନର ଇନିଂସ ଖେଳିଥିଲେ। ଅନ୍ୟପକ୍ଷରେ ପୁରୁଷ ବର୍ଗରେ ମହମ୍ମଦ ରିଜୱାନ ଭାରତର ଅକ୍ଷର ପଟେଲ ଓ ଅଷ୍ଟ୍ରେଲିଆର କ୍ୟାମେରନ ଗ୍ରୀନଙ୍କୁ ପଛରେ ପକାଇ ଆଇସିସି ପୁରସ୍କାର ଜିତିଛନ୍ତି। ସେପ୍ଟେମ୍ବର ମାସରେ ରିଜୱାନ ୧୦ଟି ମ୍ୟାଚ୍ ? ଖେଳିଥିବା ବେଳେ ୭ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। କୌର ଓ ରିଜୱାନଙ୍କୁ ଆଇସିସି ପକ୍ଷରୁ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କରାଯିବ।

# ସନ୍ଦୀପ ପାଟିଲଙ୍କ ବିରୋଧରେ ଦ୍ୱୈତ ସ୍ୱାର୍ଥ ମାମଲା




ନୂଆଦିଲ୍ଲୀ : ୧୯୮୩ ବିଶ୍ୱକପ୍ ବିଜେତା ଭାରତୀୟ ଦଳର ସଦସ୍ୟ ସନ୍ଦୀପ ପାଟିଲଙ୍କ ନାମରେ ଦ୍ୱୈତ ସାର୍ଥ ମାମଲା ଦାଏର ହୋଇଛି। ପୂର୍ବତନ ବ୍ୟାଟର ତଥା ପ୍ରଶିକ୍ଷକ ୬୫ ବର୍ଷୀୟ ପାଟିଲ୍ ଶନିବାର ମୁମ୍ବାଇ କ୍ରିକେଟ୍ ସଂଘ (ଏମ୍ ?ସିଏ)ର ସଭାପତି ପ୍ରାର୍ଥୀ ହେବାମାତ୍ରେ ଏହି ମାମଲା ଦାଏର ହୋଇଛି। ଏମ୍‌ସିଏ ମୁଖ୍ୟ ଚୟନକର୍ତ୍ତା ପଦରେ ଥିବା ପୂର୍ବତନ କ୍ରିକେଟର ସଲିଲ୍ ଆଙ୍କୋଲାଙ୍କ ଝିଅ ସାନା ହେଉଛନ୍ତି ସନ୍ଦୀପ ପାଟିଲଙ୍କ ବୋହୂ। ସେହି ଦୃଷ୍ଟିରୁ ଏମ୍ ?ସିଏ ସମ୍ବିଧାନର ନିୟମ ୩୮ (ଭି) ଅନୁସାରେ ସନ୍ଦୀପ ପାଟିଲ୍ ଦ୍ୱୈତ ସ୍ୱାର୍ଥ ଆଧାରରେ ଅଯୋଗ୍ୟ ବିବେଚିତ ହେବେ ବୋଲି ଏମ୍‌ସିଏର ଯୁଗ୍ମ ସମ୍ପାଦକ ସଂଜୟ ନାଏକ ପ୍ରକାଶ କରିଛନ୍ତି। ଅମ୍ବୁଡସମ୍ୟାନ୍ ଦିଲୀପ ଭୋସଲେଙ୍କ ନିକଟରେ ସଂଜୟ ନାଏକ ଏକ ୧୩ ପୃଷ୍ଠା ସମ୍ବଳିତ ଅଭିଯୋଗ ଦାଖଲ କରିଛନ୍ତି। ଶରଦ ପାୱାରଙ୍କ ଗୋଷ୍ଠୀରୁ ପାଟିଲ୍ ପ୍ରାର୍ଥୀ ହେଉଥିବାରୁ ତାଙ୍କୁ ପ୍ରତିହତ କରିବାକୁ ଏହା ଏକ କୌଶଳ ବୋଲି କୁହାଯାଉଛି। ପାଟିଲ୍ ଗ୍ରୁପ୍ ପକ୍ଷରୁ କୁହାଯାଇଛି ସନ୍ଦୀପ ଅଦ୍ୟାବଧି ନିର୍ବାଚିତ ହୋଇନାହାନ୍ତି ଏବଂ ନିର୍ବାଚିତ ହେଲେ ବି ସେ ଆଙ୍କୋଲାଙ୍କୁ ମୁଖ୍ୟ ଚୟନକର୍ତ୍ତା ଭାବେ ରଖିବେ କି ନାହିଁ ପରବର୍ତ୍ତୀ ପ୍ରସଙ୍ଗ ଉଠିବ। ଉଭୟ ରହିଲେ ହିଁ ଦ୍ୱୈତ ସ୍ୱାର୍ଥ ପ୍ରସଙ୍ଗ ଉଠିବ। ଅମ୍ବୁଡସମ୍ୟାନ୍ କିମ୍ବା ନିର୍ବାଚନ ଅଧିକାରୀ ଏ ସମ୍ପର୍କରେ ଠିକଣା ନିଷ୍ପତ୍ତି ନେବେ ବୋଲି ସନ୍ଦୀପ ପାଟିଲ୍ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ୨୦ ତାରିଖରେ ଏମ୍‌ସିଏ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସନ୍ଦୀପ ପାଟିଲ୍‌ଙ୍କ ପ୍ରାର୍ଥୀପତ୍ର କାଏମ ରହିଲେ ସେ ମୁମ୍ବାଇ ବିଧାୟକ ଆଶିଷ ସେଲାରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ।

# ସୁଧା ଟିର୍କିଙ୍କ ସଂଘର୍ଷମୟ ଫୁଟ୍‌ବଲ୍ ଯାତ୍ରା

ଭୁବନେଶ୍ୱର : ଅନେକଙ୍କ ପାଇଁ ଫୁଟ୍‌ବଲ୍ କେବଳ ଏକ କ୍ରୀଡ଼ା ନୁହେଁ ବରଂ ସ୍ୱାଧୀନତାର ସହ ଜୀବନ ଜିଇଁବା ପାଇଁ ଏକ ମାଧ୍ୟମ। ଏଭଳି ଉକ୍ତିକୁ ସଠିକ୍ ? ପ୍ରମାଣିତ କରିଛନ୍ତି ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟ୍ ?ବଲ ଦଳର ଷ୍ଟ୍ରାଇକର ସୁଧା ଅଙ୍କିତା ଟିର୍କି। ଏକ ସାକ୍ଷାତକାରରେ ସୁଧା କହିଛନ୍ତି ଯେ ଫୁଟ୍ ?ବଲ୍ ? ଖେଳିବା ସମୟରେ ତାଙ୍କୁ ପର୍ଯ୍ୟାପ୍ତ ସ୍ୱାଧୀନତା ମିଳୁଥିବା ବେଳେ ପଡ଼ିଆରେ ସେ ଯାହା ଚାହାଁନ୍ତି ତାହା କରିପାରନ୍ତି। ତେଣୁ ଏହି ଅଭିଜ୍ଞତା ନିଆରା ବୋଲି ସେ କହିଛନ୍ତି। ଝାଡ଼ଖଣ୍ଡର ଏହି ୧୭ ବର୍ଷିୟ ?। ଖେଳାଳି ତାଙ୍କ ପ୍ରାରମ୍ଭିକ ଜୀବନରେ ଅନେକ ସଂଘର୍ଷ ଦେଇ ଗତି କରିଛନ୍ତି। ବହୁ ବାଧାବିଘ୍ନ ସତ୍ତ୍ୱେ ସେ ହା ?ର୍ ମାନିନାହାନ୍ତି। ଯାହାଫଳରେ ସେ ଏବେ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିବାକୁ ଯାଉଛନ୍ତି।ସୁଧାଙ୍କ ପରିବାର କହିଲେ ୩ ଜଣ। ତାଙ୍କ ମା' ଗାଁ ସ୍କୁଲ୍ ?ରେ ସୁଇପର ଭାବେ କାର୍ଯ୍ୟ କରୁଥିଲା ବେଳେ ସାନ ଭଉଣୀ ଘରୋଇ କାମରେ ସହାୟତା କରୁଛନ୍ତି। ତାଙ୍କୁ ୩ ବର୍ଷ ହୋଇଥିଲା ବେଳେ ତାଙ୍କ ବାପା ଓ ମା' ପରସ୍ପରଠୁ ଅଲଗା ହୋଇଯାଇଥିଲେ। ବାପାଙ୍କ ଘରକୁ ଯିବାକୁ ସୁଧା ଓ ମା'ଙ୍କୁ ଅନୁମତି ନଥିଲା। ଏଥିପାଇଁ ସେମାନେ ଆଉ ଏକ ଗ୍ରାମକୁ ଚାଲିଯାଇଥିଲେ। ସୁଧାଙ୍କୁ ୧୨ ବର୍ଷ ହୋଇଥିଲା ବେଳେ ଫୁଟ୍ ?ବଲ୍ ? ଖେଳିବା ଆରମ୍ଭ କରିଥିଲେ। ଖେଳିବା ବେଳେ ତାଙ୍କର କେ ?ଶଳ ଓ ଦକ୍ଷତାକୁ ଗ୍ରାମବାସୀ ପ୍ରଶଂସା କରୁଥିଲେ ଏବଂ ଖେଳ ଜାରି ରଖିବାକୁ ଉତ୍ସାହିତ କରୁଥିଲେ। ପ୍ରଥମେ ଗ୍ରାମର ପୁଅ ପିଲାମାନଙ୍କ ସହିତ ଖେଳିଥିଲେ। ଗାଁ ପିଲାଙ୍କ ସହ ତାଙ୍କର ନିବିଡ଼ତା ଏତେ ବଢିଯାଇଥି ?ଲା ଯେ ଯଦି କେ ?ଣସି ଦିନ ଖେଳିବାକୁ ଯାଇପାରୁନଥିଲେ, ସେତେବେଳେ ଅନ୍ୟ ପିଲାମାନେ ତାଙ୍କୁ ଡାକିବାକୁ ଘରକୁ ଆସିଯାଉଥିଲେ। ତେଣୁ ଆଜି ସେ ଯେଉଁ ସ୍ଥାନରେ ପହଞ୍ଚିଛନ୍ତି, ସେଥିପାଇଁ ତାଙ୍କର ପ୍ରାରମ୍ଭିକ ସମୟର ସଂଘର୍ଷକୁ ଶ୍ରେୟ ଦେଇଛନ୍ତି। ଏହାହିଁ ତାଙ୍କୁ ବାସ୍ତବ ଜୀବନରେ ଅଧିକ ମଜବୁତ୍ ? କରିଥିଲା ବୋଲି ସୁଧା କହିଛନ୍ତି। ସୁଧାଙ୍କ କହିବା ଅନୁଯାୟୀ, ମା' ଓ ଭଉଣୀଙ୍କୁ ସେ ?ହାର୍ଯ୍ୟପୂର୍ଣ୍ଣ ଜୀବନ ଯୋଗାଇଦେବାକୁ ସେ ଫୁଟ୍ ?ବଲ୍ ? ଖେଳିବା ଜାରି ରଖିବାକୁ ଚାହୁଁଛନ୍ତି। ଭାରତୀୟ ସେନା କିମ୍ବା ରେଳବାଇରେ ଚାକିରି ପାଇବାକୁ ସେ କଠିନ ପରିଶ୍ରମ କରିଆସୁଛନ୍ତି। ତେଣୁ ନିଜେ ଦେଖିଥିବା ସ୍ୱପ୍ନକୁ କେବେ ବି ଅଧାରୁ ନଛାଡ଼ିବାକୁ ମା' ସବୁବେଳେ ପରାମର୍ଶ ଦେଉଛନ୍ତି। ଜୀବନକୁ ଭଲ ଭାବେ ଉପଭୋଗ କରିବା ସହ ଆଗକୁ ଭଲ କରିପାରିବି ବୋଲି ମା'ଙ୍କର ମୋ ଉପରେ ଭରସା ଥିବା ସେ କହିଛନ୍ତି। କୋହ୍ଲାପୁରରେ ଖେଳାଯାଇଥିବା ଫେଡେରେସନ୍ ? କପ୍ ?ରେ ଖେଳି ପ୍ରଥମ ଥର ପାଇଁ ଜାତୀୟ ଦଳକୁ ଆସିଥିଲେ। ୨୦୨୦ରେ ଗଠିତ ଭାରତୀୟ ଦଳରେ ଅଷ୍ଟମ ଓରାଁ ଓ ପୂର୍ଣ୍ଣିମା କୁମାରୀଙ୍କ ସହ ସେ ସବୁଠୁ କମ୍ ? ବୟସ୍କ ଖେଳାଳି ଭା ?ବେ ସାମିଲ ହୋଇଥିଲେ। ଏବେ ଦୁଇ ବର୍ଷ ପରେ ସେ ବରିଷ୍ଠ ? ଖେଳାଳିର ମାନ୍ୟତା ପାଇଲେଣି। ତଥାପି କେବେ ବି ଦଳର ଜଣେ ବରିଷ୍ଠ ଖେଳାଳି ଭାବେ ନିଜକୁ ମଣିନାହାନ୍ତି। ତାଙ୍କ ମତରେ, ସମସ୍ତେ ଗୋଟିଏ ଦଳରେ ଏକାଠି ହୋଇ ଖେଳୁଛୁ ଏବଂ ପରସ୍ପରକୁ ସହଯୋଗ ମଧ୍ୟ କରୁଛୁ। ଏବେ ବିଶ୍ୱକପ୍ ? ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଏଭଳି ଏକ ସମୟକୁ ଦୀର୍ଘ ଦିନରୁ ଅପେକ୍ଷା କରିଥିଲି। ପୂର୍ବରୁ କେବେ ବି ପେସାଦାର ପ୍ରଶିକ୍ଷଣ ନେଇନଥିଲା ବେଳେ ଡାଏଟ୍ ? ଓ ପ୍ରଶିକ୍ଷଣ ସରଞ୍ଜାମ ସବୁକିଛି ଏବେ ତାଙ୍କ ପାଇଁ ନୂଆ। ଏଭଳି ସୁଯୋଗ ପାଇଁ ସେ ଏଆଇଏଫ୍ ?ଏଫ୍ ?କୁ କୃତଜ୍ଞତା ଜଣାଇଛନ୍ତି।

# ବାପା ହେଲେ ନାଦାଲ



ମାଡ୍ରିଡ : ସ୍ପେନ୍ ? ଟେନିସ ତାରକା ତଥା ୨୨ ଗ୍ରାଣ୍ଡ ସ୍ଲାମ୍ ? ବିଜେତା ରାଫେଲ ନାଦାଲ ପୁତ୍ର ସନ୍ତାନର ଜନକ ହେବାର ସେ ?ଭାଗ୍ୟ ଲାଭ କରିଛନ୍ତି। ତାଙ୍କ ପତ୍ନୀ ମାରିଆ ଫ୍ରାନ୍ ?ସିସ୍କା ପେରେଲୋ ଶନିବାର ମାଲୋର୍କା ?ସ୍ଥିତ ଏକ କ୍ଲିନିକ୍ ?ରେ ଏହି ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ବିବାହର ୩ ବର୍ଷ ପରେ ନାଦାଲ-ମାରିଆଙ୍କର ଏହା ପ୍ରଥମ ସନ୍ତାନ। ୩୭ ସପ୍ତାହ ଗର୍ଭଧାରଣ ପରେ ସନ୍ତାନ ଜନ୍ମ ନେଇଛି। ଉଭୟ ମା' ଓ ପୁଅ ସୁସ୍ଥ ଅଛନ୍ତି ବୋଲି ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ମାରିଆ ଓ ନାଦାଲ୍ ? ୭ ବର୍ଷର ଡେଟିଂ ପରେ ୨୦୧୯ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

# ଟି-୨୦ରେ ବିଶାଳ ରେକର୍ଡ କଲେ ଭାରତର ଶେଫାଳି ବର୍ମା




ଢାକା: ଭାରତୀୟ ମହିଳା ଦଳର ଷ୍ଟାର ବ୍ୟାଟର ଶେଫାଳି ବର୍ମା ଟି-୨୦ରେ ବିଶାଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଆଜି ବାଂଲାଦେଶ ବିପକ୍ଷ ଏସିଆ କପର ଗୋଟିଏ ମ୍ୟାଚ୍ ?ରେ ଶେଫାଳି ୫୫ ରନର ଇନିଂସ ଖେଳିବା ପରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ଏହି ମ୍ୟାଚ୍ ?ରେ ଭଲ ବୋଲିଂ କରି ୨ଟି ୱିକେଟ ମଧ୍ୟ ଦଖଲ କରିଛନ୍ତି। ଏଥିପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ? ପୁରସ୍କାର ମିଳିଛି। ଆଜି ଶେଫାଳି ବିଶ୍ୱର ସର୍ବକନିଷ୍ଠ ମହିଳା କ୍ରିକେଟର ଭାବେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ୧୦୦୦ ରନ ପୂରଣ କରିଛନ୍ତି। ଭାରତୀୟ ମହିଳା ଦଳର ଏହି ଓପନର ଆଜି ତାଙ୍କ ୪୪ ବଲରେ ୫୫ ରନର ଇନିଂସରେ ୫ଟି ଚୌକା ଓ ୨ଟି ଛକା ମାରିଛନ୍ତି। ବର୍ତ୍ତମାନ ସେ ଆଇସିସି ଟି-୨୦ ବ୍ୟାଟର ରାଙ୍କିଙ୍ଗର ୭ମ ସ୍ଥାନରେ ରହିଛନ୍ତି। ଶେଫାଳି ମାତ୍ର ୧୮ ବର୍ଷ ୨୫୩ ଦିନ ବୟସରେ ନିଜ ଅନ୍ତର୍ଜାତୀୟ ଟି-୨୦ କ୍ୟାରିୟରରେ ୧ ହଜାର ରନ ପୂରଣ କରିଛନ୍ତି। ଏହା ପୂର୍ବରୁ ଏହି ରେକର୍ଡ ଅନ୍ୟତମ ଭାରତୀୟ ବ୍ୟାଟର ଜେମିମା ରୋଡ୍ରିଗସଙ୍କ ନାଁରେ ରହିଥିଲା। ସେ ୨୧ ବର୍ଷ ୩୨ ଦିନ ବୟସରେ ଟି-୨୦ ଅନ୍ତର୍ଜାତୀୟରେ ୧ ହଜାର ରନ ପୂରଣ କରିଥିଲେ। ୨୦୨୧ ମସିହା ଅକ୍ଟୋବର ମାସରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ?ରେ ସେ ସର୍ବକନିଷ୍ଠ କ୍ରିକେଟର ଭାବେ ୧୦୦୦ ରନ କ୍ଲବରେ ସାମିଲ ହୋଇଥିଲେ। କିନ୍ତୁ ଆଜି ଶେଫାଳି ବର୍ମା ତାଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ଏହାବାଦ ଶେଫାଳି ୫ମ ଭାରତୀୟ ଭାବେ ଟି-୨୦ ଅନ୍ତର୍ଜାତୀୟରେ ୧୦୦୦ ରନ ପୂରଣ କରିଛନ୍ତି। ତାଙ୍କ ବ୍ୟତୀତ ଜେମିମା, ମିତାଲି ରାଜ, ସ୍ମୃତି ମନ୍ଧାନା ଓ ହରନମପ୍ରୀତ କୌର ୧୦୦୦ରୁ ଅଧିକ ରନ କରିଛନ୍ତି। ମିତାଲି ରାଜ ଦ୍ରୁତତମ ଭାରତୀୟ ମହିଳା ଭାବେ ମାତ୍ର ୪୦ଟି ଟି-୨୦ ଇନିଂସରେ ୧୦୦୦ ରନ କ୍ଲବରେ ସାମିଲ ହୋଇଥିଲେ।

Printed, published and Owned by Gagan Kumar Pradhan and published from Gudayagiri , PIN-762100 District-Kandhamal, Odisha and printed at pen & ink, B-87(A), Chandakaindustrial Estate, Patia, Bhubaneswar, Pin- 751024. Contact Mail anusandhanbharatnews@gmail.com Mobile- 9437397180 (Call/WhatsApp), 9439077180 (whatsapp and Call)

ସମ୍ପାଦକ: ଗଗନ କୁମାର ପ୍ରଧାନ
Editor: Gagan Kumar Pradhan